# ଆମେ ଭିନ୍ନ ଅଟୁ



ଆଶିଷ୍ ରାଇଟୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ଜୁଲାଇ ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, India
Phone : +91-80-25452617
Email : bookrequest@apcwo.org
Website : **www.apcwo.org**

### ଆର୍ଥିକ ଭାଗୀଦାରୀ :

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

### ମେଲିଂ ଲିଷ୍ଟ୍ :

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

### ଭାରତ ଭିତରେ ମାଗଣା ବଲ୍କ ଅର୍ଡ୍ଵର :

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**We are Different (Odia)**

# ଆମେ ଭିନ୍ନ ଅଟୁ

# ସୂଚୀପତ୍ର


୧.  ଅନ୍ଧକାରରୁ ଆଲୋକ ମଧ୍ୟକୁ ଆହୂତ — ୧

୨.  ଈଶ୍ୱରଙ୍କ ବାକ୍ୟ ବନାମ ଜଗତର ସଂସ୍କୃତି — ୭

୩.  ଆମେ ଭିନ୍ନ ଅଟୁ — ୯

# ୧

# ଅନ୍ଧକାରରୁ ଆଲୋକ ମଧ୍ୟକୁ ଆହୂତ

''କିନ୍ତୁ ଯେ ତୁମ୍ଭମାନଙ୍କୁ  ଅନ୍ଧକାରରୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି, ତୁମ୍ଭେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ କର, ଏଥିନିମନ୍ତେ ତୁମ୍ଭେମାନେ  ଏକ ମନୋନୀତ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା ହୋଇଅଛ''(୧ ପିତର ୨:୯) ।

ଆପଣ ଓ ମୁଁ ଈଶ୍ୱରଙ୍କର ''ନିଜସ୍ୱ ପ୍ରଜା'' ଅଟୁ । ଆପଣ ଯଦି ଜଣେ ଖ୍ରୀଷ୍ଟିୟାନ, ଜଣେ ବିଶ୍ୱାସୀ, ତେବେ ଆପଣ ଏହି ଯୋଗ୍ୟତା ହାସଲ କରିଛନ୍ତି । ବାଇବଲ କୁହେ କାହିଁକି ଆମେମାନେ ''ଏକ ମନୋନୀତ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି, ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା'' ହୋଇଅଛୁ । ଏହାର କାରଣ ହେଲା, ଆମେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ କରିବା, ତାଙ୍କର ପ୍ରଶଂସା ଓ ତାଙ୍କର ଶ୍ରେଷ୍ଠତା ପ୍ରକାଶ ଓ ଘୋଷଣା କରିବା, ଯେ ଆମମାନଙ୍କୁ ଅନ୍ଧକାରରୁ ତାଙ୍କର ଆଶ୍ଚର୍ଯ୍ୟ ଆଲୋକ  ମଧ୍ୟକୁ ଆହ୍ୱାନ କରିଅଛନ୍ତି ତାଙ୍କର ବିସ୍ମୟଜନକତା ଓ ଗୁଣସବୁକୁ ପ୍ରଚାର କରିବା । ତେଣୁ ଲୋକେ ଯେତେବେଳେ ଆମେ ଖ୍ରୀଷ୍ଟିୟାନମାନଙ୍କୁ ଦେଖନ୍ତି ସେମାନେ  ଆମମାନଙ୍କୁ ଆହ୍ୱାନ କରିଥିବା ଈଶ୍ୱର ଯେ କେତେ ଉତ୍କୃଷ୍ଟ, କେତେ ସଦ୍‌ଗୁଣସମ୍ପନ୍ନ, କେତେ ସିଦ୍ଧ ଓ କେତେ ଅଦ୍ଭୁତ ତାହା ଦେଖିବା ଆବଶ୍ୟକ । ଈଶ୍ୱର ଯେ ଉତ୍ତମ ଅଟନ୍ତି ଏହା ଦେଖାଇବା ପାଇଁ ଆପଣ ଓ ମୁଁ ଏହି ପୃଥିବୀରେ ରହିଅଛୁ ।

ବାଇବଲ କହେ ଯେ ଆମେମାନେ ''ଅନ୍ଧକାରରୁ ଆଲୋକ ମଧ୍ୟକୁ'' ଆହୂତ ହୋଇଅଛୁ । ଦିନେ ଆମେ ଅନ୍ଧକାରର ପରିବେଶରେ ବାସ କରୁଥିଲୁ । ଏହା ଆମର ଚିନ୍ତାଧାରା, ବ୍ୟବହାର ଓ ସଂସ୍କୃତିକୁ ନିର୍ଦ୍ଦିଷ୍ଟ ରୂପ ଦେଇଥିଲା । କିନ୍ତୁ ଈଶ୍ୱର ଆମମାନଙ୍କୁ ସେଠାରୁ ବାହାର କରି ଆଲୋକକୁ ଆଣିଲେ । ବର୍ତ୍ତମାନ ଆମେ ଆଲୋକର ପରିବେଶରେ ରହିଛୁ । ଏହା ଆମ ଚିନ୍ତାଧାରା, ବ୍ୟବହାର ଓ ସଂସ୍କୃତିକୁ ନିର୍ଦ୍ଦିଷ୍ଟ ରୂପ ଦେଉଛି । ଏବଂ

ଯେହେତୁ ଆମେ ଆଲୋକରେ ରହିଛୁ, ଆଉ ଅନ୍ଧକାରରେ ନାହୁଁ, ତେଣୁ ଭିନ୍ନ ଅଟୁ । ଆମେନ୍ !

## ଅନ୍ଧକାର- ନୂତନ ନିୟମରେ ଯେପରିଭାବେ ବର୍ଣ୍ଣିତ

### କୁକର୍ମକାରୀମାନଙ୍କର ଲୁଚିବା ସ୍ଥାନ

''ଆଉ, ସେହି ବିଚାର ଏହି, ଜଗତରେ ଜ୍ୟୋତିଃ ପ୍ରକାଶିତ ହୋଇଅଛି, ଆଉ ଲୋକମାନେ ଜ୍ୟୋତିଃ ଅପେକ୍ଷା ବରଂ ଅନ୍ଧକାରକୁ ଭଲ ପାଇଲେ, ଯେଣୁ ସେମାନଙ୍କର କର୍ମସବୁ ମନ୍ଦ'' (ଯୋହନ ୩:୧୯) ।

ଲୋକମାନେ ଜ୍ୟୋତିଃ ଅପେକ୍ଷା ବରଂ ଅନ୍ଧକାରକୁ ଭଲ ପାଇଲେ, ଯେଣୁ ସେମାନଙ୍କର କର୍ମସବୁ ମନ୍ଦ । ତେଣୁ ଅନ୍ଧକାର ହେଉଛି ଦୁଷ୍କର୍ମକାରୀମାନଙ୍କର ଲୁଚିବାର ସ୍ଥାନ ।

### ଶୟତାନର ଶକ୍ତି

''ସ୍ୱଜାତି ଓ ବିଜାତିମାନେ ଯେପରି ଅନ୍ଧକାରରୁ ଆଲୋକ ପ୍ରତି ଓ ଶୟତାନର ଶକ୍ତିରୁ ଈଶ୍ୱରଙ୍କ ପ୍ରତି ଫେରନ୍ତି, ପୁଣି ପାପକ୍ଷମା ଓ ଆମ୍ଭଠାରେ ବିଶ୍ୱାସ ଦ୍ୱାରା ପବିତ୍ରୀକୃତ ଲୋକମାନଙ୍କ ମଧ୍ୟରେ ଅଧିକାର ପ୍ରାପ୍ତ ହୁଅନ୍ତି, ସେଥିପାଇଁ ସେମାନଙ୍କ ଚକ୍ଷୁ ଉନ୍ମୋଚନ କରିବା ନିମନ୍ତେ ଆମ୍ଭେ ତୁମ୍ଭକୁ ସେମାନଙ୍କ ନିକଟକୁ ପଠାଉଅଛୁ, ଆଉ ଆମ୍ଭେ ତୁମ୍ଭକୁ ସେମାନଙ୍କଠାରୁ ରକ୍ଷା କରିବୁ'' (ପ୍ରେରିତ ୨୬: ୧୭,୧୮) ।

ପ୍ରଭୁ ପାଉଲଙ୍କୁ କହିଲେ, ''ମୁଁ ଚାହେଁ ତୁମେ ଲୋକମାନଙ୍କୁ ଅନ୍ଧକାରରୁ ଆଲୋକ ପ୍ରତି ଓ ଶୟତାନର ଶକ୍ତିରୁ ଈଶ୍ୱରଙ୍କ ପ୍ରତି ଫେରାଇ ଆଣ ।'' ତେଣୁ 'ଅନ୍ଧକାର' କହିଲେ ଶୟତାନର ଶକ୍ତିକୁ ବୁଝାଏ ।

### ଯେଉଁମାନେ ଆତ୍ମିକଭାବେ ଦୃଷ୍ଟିହୀନ

''ତୁମ୍ଭେ ଆପଣାକୁ ଅନ୍ଧର ପଥପ୍ରଦର୍ଶକ, ଅନ୍ଧକାରବାସୀଙ୍କ ଆଲୋକ ବୋଲି ବିଶ୍ୱାସ କରୁଅଛ'' (ରୋମୀ ୨:୨୦) ।

### ପରିତ୍ରାଣ ପାଇ ନ ଥିବା ଲୋକଙ୍କ ରାଜ୍ୟ

''ଅବିଶ୍ୱାସୀମାନଙ୍କ ସହିତ ଅସମାନରୂପେ ଯୋଚା ନ ଯାଅ, କାରଣ ଧର୍ମ ଓ ଅଧର୍ମ ମଧ୍ୟରେ କି ସହଯୋଗିତା ? ଅବା ଅନ୍ଧକାର ସହିତ ଆଲୋକର କି ସହଭାଗିତା ? ବିଲାୟାର୍ ସହିତ ଖ୍ରୀଷ୍ଟଙ୍କର କି ମିଳନ ? କିମ୍ବା ଅବିଶ୍ୱାସୀ ସହିତ ବିଶ୍ୱାସୀର କି ଅଂଶ ?'' (୨ କରିନ୍ଥୀ ୬ :୧୪, ୧୫)

୨ କରିନ୍ଥୀ ୬:୧୪, ୧୫ରେ 'ଅନ୍ଧକାର' କହିଲେ ପରିତ୍ରାଣ ପାଇ ନ ଥିବା ଲୋକଙ୍କର ରାଜ୍ୟ, ଅଧାର୍ମିକତାର ରାଜ୍ୟ, ଶୟତାନର କର୍ତ୍ତୃତ୍ୱରେ ଥିବା ରାଜ୍ୟକୁ ବୁଝାଏ ।

**ଅନ୍ଧକାରର ପୈଶାଚିକ ଶାସକମାନେ**

''କାରଣ ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ, ଏହି ଅନ୍ଧକାରର ଜଗତ୍‌ପତିମାନଙ୍କ ବିରୁଦ୍ଧରେ ପୁଣି ଆକାଶମଣ୍ଡଳର ଦୃଷ୍ଟାତ୍ମାମାନଙ୍କ ବିରୁଦ୍ଧରେ''(ଏଫିସୀ ୬:୧୨) ।

ଆମେମାନେ ଅନ୍ଧକାରର ଭୂତମାନଙ୍କ ବିରୁଦ୍ଧରେ, ଅନ୍ଧକାରର ଜଗତ୍‌ପତିମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥାଉ । ତେଣୁ ଅନ୍ଧକାର କହିଲେ ଦୁଷ୍ଟାତ୍ମାମାନେ କାର୍ଯ୍ୟ କରୁଥିବା କ୍ଷେତ୍ରକୁ ବୁଝାଏ । ନିଶ୍ଚିତ ରୂପେ ଏହା ଏକ ଅବାଞ୍ଛିତ ପରିବେଶ ।

## ଆଲୋକ - ନୂତନ ନିୟମରେ ଯେପରିଭାବେ ବର୍ଣ୍ଣିତ

ଆମେ ବିଶ୍ୱାସୀମାନଙ୍କ ନିମନ୍ତେ ସୁସମ୍ବାଦ ଏହି ଯେ ଆମେମାନେ ଅନ୍ଧକାରରୁ ଆଲୋକ ମଧ୍ୟକୁ ଅଣାଯାଇଛୁ ।

**ଯୀଶୁ ଜ୍ୟୋତିଃ ଅଟନ୍ତି**

ଯେଉଁମାନେ ଯୀଶୁଙ୍କର ଅନୁଗମନ କରନ୍ତି ସେମାନେ ଅନ୍ଧକାରରେ ଭ୍ରମଣ କରିବେ ନାହିଁ ।

''ଯୀଶୁ ପୁନର୍ବାର ଲୋକମାନଙ୍କୁ ଶିକ୍ଷା ଦେଇ କହିଲେ, ମୁଁ ଜଗତର ଜ୍ୟୋତିଃ; ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର ଜ୍ୟୋତିଃ ପାଇବ''(ଯୋହନ ୮:୧୨) ।

''ଯେକେହି ମୋ'ଠାରେ ବିଶ୍ୱାସ କରେ, ସେ ଯେପରି ଅନ୍ଧକାରରେ ବାସ ନ କରେ, ଏଥିପାଇଁ ମୁଁ ଜଗତକୁ ଜ୍ୟୋତିଃ ହୋଇ ଆସିଅଛି''(ଯୋହନ ୧୨:୪୬) ।

**ପ୍ରଭୁ ଯୀଶୁଙ୍କ ରାଜ୍ୟ**

ଆଲୋକ କହିଲେ ପ୍ରଭୁ ଯୀଶୁଙ୍କ ରାଜ୍ୟକୁ ବୁଝାଏ ।

''ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରି ଅଛନ୍ତି''(କଲସୀୟ ୧:୧୩) ।

**ଦିବସର ସନ୍ତାନ**

''କାରଣ ତୁମ୍ଭେମାନେ ସମସ୍ତେ ଆଲୋକ ଓ ଦିବସର ସନ୍ତାନ । ଆମ୍ଭେମାନେ ରାତ୍ରି କି ଅନ୍ଧକାରର ସନ୍ତାନ ନୋହୁଁ''(୧ ଥେସ ୫ :୫) ।

ଈଶ୍ୱର ଆଲୋକ ଅଟନ୍ତି ଓ ତାଙ୍କଠାରେ ଅନ୍ଧକାରର ଲେଶମାତ୍ର ନାହିଁ । ଏଣୁ ନୂତନ ନିୟମରେ ଆଲୋକ କହିଲେ ଈଶ୍ୱରଙ୍କ କର୍ତ୍ତୃତ୍ୱରେ ରହିଥିବା କ୍ଷେତ୍ର ଅଟେ ।

''ଆମ୍ଭେମାନେ ତାହାଙ୍କଠାରୁ ଯେଉଁ ସମ୍ବାଦ ଶୁଣିଅଛୁ ଓ ତୁମ୍ଭମାନଙ୍କୁ ଜଣାଉଅଛୁ, ତାହା ଏହି, ଈଶ୍ୱର ଜ୍ୟୋତିଃସ୍ୱରୂପ, ଆଉ ତାହାଙ୍କଠାରେ ଅନ୍ଧକାରର ଲେଶ ନାହିଁ । ତାହାଙ୍କ ସହିତ ଆମ୍ଭମାନଙ୍କର ସହଭାଗିତା ଅଛି, ଏହା କହି ଯଦି ଆମ୍ଭେମାନେ ଅନ୍ଧକାରରେ ଆଚରଣ କରୁ, ତାହାହେଲେ ଆମ୍ଭେମାନେ ମିଥ୍ୟାବାଦୀ, ଆଉ ସତ୍ୟ ଆଚରଣ କରୁ ନ ଥାଉ''(୧ ଯୋହନ ୧ :୫, ୬) ।

''କାରଣ ତୁମ୍ଭେମାନେ ପୂର୍ବେ ଅନ୍ଧକାରସ୍ୱରୂପ ଥିଲ, କିନ୍ତୁ ଏବେ ପ୍ରଭୁଙ୍କ ସହଭାଗିତାରେ ଆଲୋକ ସ୍ୱରୂପ ହୋଇଅଛ; ଆଲୋକର ସନ୍ତାନମାନଙ୍କ ପରି ଆଚରଣ କର । ଅନ୍ଧକାରର ନିଷ୍ଫଳ କର୍ମସବୁର ସହଭାଗୀ ହୁଅ ନାହିଁ, ବରଂ ସେସବୁର ଦୋଷ ହିଁ ଦେଖାଇଦିଅ'' (ଏଫିସୀୟ ୫: ୮, ୧୧) ।

ପୂର୍ବେ ଆମେ ଅନ୍ଧକାରରେ ଥିଲୁ, କିନ୍ତୁ ଏବେ ପ୍ରଭୁଙ୍କ ସହଭାଗିତାରେ ଆଲୋକରେ ରହିଛୁ । ଏଣୁ ଆମେମାନେ ଅନ୍ଧକାରର ନିଷ୍ଫଳ କର୍ମସବୁର ସହଭାଗୀ ହେବା ଅନୁଚିତ ।

''ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣି ପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ''(ରୋମୀୟ ୧୨: ୧, ୨) ।

ଅନୁରୂପୀ ହେବାର ଅର୍ଥ ଅନ୍ୟର ଚେହେରା ବା ଆକାର ଧାରଣ କରିବା, ଅନ୍ୟର ଢ଼ଙ୍ଗରେ ଆଚରଣ କରିବା ।

ଏହା ଜଗତର ଯେକୌଣସି ଅଭ୍ୟାସ, ଆଚାର ବ୍ୟବହାର, ପୋଷାକ ବା ଜୀବନଶୈଳୀକୁ ବୁଝାଏ ।

ଯୁଗ (ଗ୍ରୀକ୍ Aion) କହିଲେ ଯୁଗ ବା ପିଢ଼ିକୁ ବୁଝାଏ ।

ପରିବର୍ତ୍ତିତ ହେବା କହିଲେ ଅନ୍ୟ ଏକ ଆକାର ଧାରଣ କରିବା ।

ବିଶ୍ୱାସୀ ଭାବରେ, ଆମର ଜୀବନ ଯାପନରେ ଏକ ବାସ୍ତବ ଓ ଆମୂଳ ପରିବର୍ତ୍ତନ ଆସିବା ଆବଶ୍ୟକ । ପୂର୍ବେ ଆମେ ଅନ୍ଧକାରରେ ଥିଲୁ, କିନ୍ତୁ ଏବେ ପ୍ରଭୁଙ୍କ ସହଭାଗିତାରେ ଆଲୋକରେ ରହିଛୁ, ଏଣୁ ଆମେ ଆଲୋକର ସନ୍ତାନମାନଙ୍କ ପରି ଆଚରଣ କରିବା ଉଚିତ । ଆଚରଣ କରିବା ବା ଚାଲିବାର ଅର୍ଥ ଏହା ନୁହେଁ ଯେ ଯେଉଁଠି ଆମର ପାଦ ପଡ଼େ, ମାତ୍ର ଏହା ଆମର ବଞ୍ଚି ରହିବାର ସବୁ କ୍ଷେତ୍ରକୁ, ଅର୍ଥାତ୍ ଆମର ଜୀବନ, ଆମେ ଯେଉଁଭଳି ଜୀବନ ଯାପନ କରୁ, ଆମର ବ୍ୟବହାର, ଆମ ଜୀବନର ସବୁକିଛିକୁ ବୁଝାଏ । ଯେଉଁମାନେ ଅନ୍ଧକାରରେ ବାସ କରୁଛନ୍ତି ସେମାନଙ୍କ ଜୀବନ ଅନୁସାରେ ନୁହେଁ ମାତ୍ର ଯେଉଁମାନେ ଆଲୋକରେ ଚାଲନ୍ତି ସେମାନଙ୍କ ଜୀବନାଦର୍ଶରେ ଆମ ଜୀବନ ଗଠିତ ହେବା ଉଚିତ । ଆମେ ଆଲୋକର  ସନ୍ତାନ ପରି ଆଚରଣ କଲେ, ଅନ୍ଧକାରରେ ରହିଥିବା ଲୋକମାନଙ୍କୁ ଅତିକ୍ରମ କରି ଆମେ ଆଗରେ ରହିବା । ଜଗତ ଅନ୍ଧକାରରେ ଓ ଆମେ ଆଲୋକରେ ରହିଥିବାରୁ, ସେମାନେ ଆମକୁ ବିଚିତ୍ର ମନେ କରିପାରନ୍ତି । ସେମାନେ ଆମମାନଙ୍କୁ ଅପାର୍ଥିବ  ମନେ କରିପାରନ୍ତି ଓ ଆମକୁ ବୁଝି ନ ପାରନ୍ତି । କାହିଁକି ? କାରଣ ଆମେ ଆଲୋକ ଅଟୁ ! ଯେଉଁମାନେ ଅନ୍ଧକାରରେ ରହିଛନ୍ତି ଆମେ ସେମାନଙ୍କର ସମ୍ପୂର୍ଣ୍ଣ ବିପରୀତ ଅଟୁ ।

ବାଇବଲ ଆମମାନଙ୍କୁ ଆଲୋକର ସନ୍ତାନମାନଙ୍କ ପରି ଆଚରଣ କରିବାକୁ ନିର୍ଦ୍ଦେଶ ଦିଏ । ତେଣୁ ଆମେ ଅନ୍ଧକାରରେ ରହିଥିବା ଲୋକମାନଙ୍କଠାରୁ ଭିନ୍ନ ଦିଗରେ ଯିବା । ଆମେମାନେ ସ୍ୱତନ୍ତ୍ର ଅଟୁ ! ଅନ୍ଧକାରର ନିଷ୍ଫଳ କର୍ମସବୁରେ ଆମେ ସହଭାଗୀ ନ ହୋଇ, ବରଂ ସେସବୁର ଦୋଷ ଆମେ ଦେଖାଇ ଦେବା । ଆମେମାନେ ଆଲୋକର ଲୋକ ହୋଇଥିବାରୁ, ଆଲୋକର ଅନୁସାରେ ଆଚରଣ କରିବାକୁ ହେବ । ସହଭାଗିତା ବା Fellowshipର ଅର୍ଥ ଗୋଟିଏ ଜାହାଜ (ବା Ship)ରେ ଥିବା ଦୁଇ ବ୍ୟକ୍ତି (ବା Fellows)ଙ୍କୁ ବୁଝାଏ ! ବାଇବଲ ଆମମାନଙ୍କୁ ଚେତାବନୀ ଦିଏ ଯେପରି କି ଆମେ ଜଗତରୂପ ଜାହାଜରେ ବସି ଯାତ୍ରା ନ କରିବା, କାରଣ ଯେଉଁମାନେ ଅନ୍ଧକାରରେ ବାସ କରନ୍ତି, ସେମାନଙ୍କ ସଙ୍ଗେ ଆମର କୌଣସି ସହଭାଗିତା ନାହିଁ । ବରଂ ଆମେ ସେମାନଙ୍କର ଦୋଷତ୍ରୁଟିକୁ ଦେଖାଇ ଦେବା । ଆମେ ଆମର ଜାହାଜ, ଅର୍ଥାତ୍ ଆଲୋକରୂପ ଜାହାଜରେ ବସି ଯାତ୍ରା କରିବା ଉଚିତ । ଜଗତ ଅନ୍ଧକାରରୂପ ଜାହାଜରେ ବସି ଯାତ୍ରା କରେ, କିନ୍ତୁ ଆମେ ସେଠାରେ ବସି ପାରିବା ନାହିଁ । ଅନ୍ଧକାରର କ୍ରିୟାକର୍ମ ସଙ୍ଗେ, କର୍ମସବୁରେ ଆମେ ସହଭାଗିତା ରକ୍ଷା କରି ପାରିବା ନାହିଁ । ସେମାନେ ଯେଉଁ କାର୍ଯ୍ୟ କରନ୍ତି ସେଥିରେ ଆମେ ସେମାନଙ୍କର ଭାଗୀଦାର ହୋଇ ପାରିବା ନାହିଁ, କାରଣ ଆମେ ଆଲୋକରେ ରହିଛୁ ।

ଈଶ୍ୱରଙ୍କ ବାକ୍ୟ କହେ ଯେ ଆମେ ଜଗତର ଅନୁରୂପୀ ନ ହୋଇ ପରିବର୍ତ୍ତିତ ହେବା ଆବଶ୍ୟକ । ପରିବର୍ତ୍ତିତ ହେବା ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦ Metamorphose । ଏହାର ଉଦାହରଣ, ଗୋଟିଏ ପୋକ ଯେପରି ପ୍ରଜାପତିରେ ପରିଣତ ହୁଏ । ସେହିପରି, ଆମର ଆତ୍ମିକ ଆକୃତି, ବ୍ୟବହାର ଓ ଚିନ୍ତାଧାରାରେ ପରିବର୍ତ୍ତନ ଆସିବା ଆବଶ୍ୟକ । ଆମେମାନେ ଜଗତର ଅନୁରୂପୀ ହେବା ଅନୁଚିତ । ଅର୍ଥାତ୍ ଜଗତର ଢଙ୍ଗ ଢାଙ୍ଗ, ଆକୃତି, ଅଭ୍ୟାସ, ଆଚାର, ଜୀବନଶୈଳୀ ଓ ବ୍ୟବହାରକୁ ଆମେ ଅନୁସରଣ କରିବାକୁ ହେବ ନାହିଁ ।

ଆମେ ପରିବର୍ତ୍ତିତ ହେଲେ, ଜଗତଠାରୁ ଭିନ୍ନ ଜଣାଯିବା । ତେଣୁ ଆପଣ ଓ ମୁଁ ଜଗତର ଅନୁରୂପୀ ହେବା ନାହିଁ, କାରଣ ପରିବର୍ତ୍ତିତ ହେବା ପାଇଁ ଈଶ୍ୱର ଆମକୁ ଆହ୍ୱାନ କରନ୍ତି, ଜଗତରୁ ଭିନ୍ନ ହେବା ପାଇଁ କହନ୍ତି ।

**ଜଗତର ରୀତିନୀତି ଅନୁରୂପୀ ଆଚରଣ ନ କରି ପରିବର୍ତ୍ତିତ ହେବା ପାଇଁ ଈଶ୍ୱରଙ୍କ ବାକ୍ୟ ଆମକୁ ନିର୍ଦ୍ଦେଶ ଦିଏ ।**

# ୨

# ଈଶ୍ୱରଙ୍କ ବାକ୍ୟ ବନାମ ଜଗତର ସଂସ୍କୃତି

## ଆମେ ବାସ କରୁଥିବା ସଂସ୍କୃତି ଅପେକ୍ଷା ଈଶ୍ୱରଙ୍କ ବାକ୍ୟର ଅଧିକାର ଉଚ୍ଚତର

ଆମେ ବୁଝିବା ଆବଶ୍ୟକ ଯେ ଆମେ ଯେଉଁ ସଂସ୍କୃତି ମଧ୍ୟରେ ରହି ବାସ କରୁ ତାହା ଆଲୋକ ଅପେକ୍ଷା ଅନ୍ଧକାର ଦ୍ୱାରା ଅଧିକ ପ୍ରଭାବିତ । ଆମେମାନେ ଜଗତର ସଂସ୍କୃତି ଦ୍ୱାରା ପରିଚାଳିତ ହୋଇ ଜୀବନଯାପନ କରି ନ ଥାଉ, ମାତ୍ର ଆଲୋକର ସଂସ୍କୃତି ଦ୍ୱାରା  ପରିଚାଳିତ ହୋଇଥାଉ, ଅର୍ଥାତ୍ ଯେଉଁ ରାଜ୍ୟରେ ଆମେ ରହିଛୁ ତା'ର ସଂସ୍କୃତି ଦ୍ୱାରା । ଈଶ୍ୱରଙ୍କ ବାକ୍ୟରେ ''ରାଜ୍ୟର ସଂସ୍କୃତି'' ବିଷୟରେ କୁହାଯାଇଛି । ଜଗତର ସଂସ୍କୃତିରେ ଯାହା ଯାହା ଗ୍ରହଣୀୟ ସେସବୁ ଈଶ୍ୱରଙ୍କ ବାକ୍ୟର ପରିପନ୍ଥୀ ହୋଇପାରେ । କିନ୍ତୁ ଈଶ୍ୱର ଚାହାନ୍ତି ଯେ ଆମେ ତାଙ୍କର ବାକ୍ୟ ପାଳନ କରିବା । ଆଲୋକ ରହିଥିବା ଭଳି ଆଚରଣ କଲେ, ଆମେ ଭିନ୍ନ ସ୍ୱଭାବ ବିଶିଷ୍ଟ ହେବୁ । ଆମେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଲୋକ ହେବୁ । ଆମେମାନେ ତାଙ୍କର ନିଜସ୍ୱ ଲୋକ ହେବୁ ଓ ଯେ ଆମମାନଙ୍କୁ ଅନ୍ଧକାରରୁ ଆଲୋକ ମଧ୍ୟକୁ ଆହ୍ୱାନ କରିଛନ୍ତି ତାଙ୍କର ଗୁଣ କୀର୍ତ୍ତନ କରିବୁ ।

''କିଛି ଚିନ୍ତା ନ କରି ତୁମ ସଂସ୍କୃତି ସଙ୍ଗେ ନିଜକୁ ଏତେ ଖାପ ଖୁଆଇ ଚଳ ନାହିଁ'' (ରୋମୀ ୧୨: ୨କ, Message Bible) ।

ଆମ ମଧ୍ୟରୁ ଅନେକେ ଅନେକ ବିଷୟ କରିଥାଉ, କାରଣ ଏହା ଆମ ସଂସ୍କୃତିର ଅଂଶବିଶେଷ ବୋଲି ଆମେ ମନେ କରିଥାଉ । ତେବେ ବାଇବଲ ଆମକୁ ଚେତାବନୀ ଦିଏ ଯେ ଏ ବିଷୟରେ ଆଦୌ ଚିନ୍ତା ନ କରି ଆମ ସଂସ୍କୃତି ସଙ୍ଗେ ଆମେ ନିଜକୁ ଖାପ ଖୁଆଇ ଚଳିବା ଅନୁଚିତ । କାରଣ ଈଶ୍ୱରଙ୍କ ବାକ୍ୟ ଯାହା କହେ ତାହା ଆମର ପ୍ରଚଳିତ ସଂସ୍କୃତି ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ । ଯଦି ଜଗତର ସଂସ୍କୃତିର କୌଣସି ବିଷୟ ଈଶ୍ୱରଙ୍କ

ବାକ୍ୟର ବିରୋଧ କରୁଛି, ତେବେ ଆମେ ଈଶ୍ୱରଙ୍କ ବାକ୍ୟକୁ ହିଁ ପାଳନ କରିବା, କାରଣ ଏହା ଆମ ସଂସ୍କୃତିକୁ  ରଦ୍ଦ କରେ । ତେଣୁ ବାଇବଲ କହେ, ''ଏହି ଜଗତର ଅନୁରୂପୀ ହୁଅ ନାହିଁ'' (ରୋମୀ ୨: ୨କ) ।

ଏହି ଯୁଗର ଅର୍ଥ ବର୍ତ୍ତମାନ ସମୟର ଅନୁସାରେ ଆଚରଣ କରିବା । ଆପଣଙ୍କ ଚତୁର୍ଦ୍ଦିଗରେ ଥିବା ସଂସ୍କୃତିର ଅନୁରୂପୀ ନ ହୋଇ ପରିବର୍ତ୍ତିତ ହୁଅନ୍ତୁ । ଏହା ଈଶ୍ୱରଙ୍କ ଆଜ୍ଞା, ପରାମର୍ଶ ନୁହେଁ । ଆମେନ୍ !

- **ବାଇବଲ ଆମକୁ ଚେତାବନୀ ଦିଏ ଯେ ଆଦୌ ଚିନ୍ତା ନ କରି ଆମ ସଂସ୍କୃତି ସଙ୍ଗେ ଆମେ ନିଜକୁ ଖାପ ଖୁଆଇ ଚଳିବା ଅନୁଚିତ । Message Bible କହେ ''କିଛି ଚିନ୍ତା ନ କରି ତୁମ ସଂସ୍କୃତି ସଙ୍ଗେ ନିଜକୁ ଏତେ ଖାପ ଖୁଆଇ ଚଳ ନାହିଁ'' (ରୋମୀ ୧୨: ୨କ) ।**
- **ଈଶ୍ୱରଙ୍କ ବାକ୍ୟ ଯାହା କହେ ତାହା ଆମର ପ୍ରଚଳିତ ସଂସ୍କୃତି ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ । ଯଦି ଜଗତର ସଂସ୍କୃତିର କୌଣସି ବିଷୟ ଈଶ୍ୱରଙ୍କ ବାକ୍ୟର ବିରୋଧ କରୁଛି, ତେବେ ଆମେ ଈଶ୍ୱରଙ୍କ ବାକ୍ୟକୁ ହିଁ ପାଳନ କରିବା, କାରଣ ଏହା ଆମ ସଂସ୍କୃତିକୁ ରଦ୍ଦ କରେ ।**

## ୩

# ଆମେ ଭିନ୍ନ ଅଟୁ

ଅନ୍ତତଃ ଦୁଇଟି କ୍ଷେତ୍ରରେ ଆପଣ ଓ ମୁଁ ଜଗତଠାରୁ ଭିନ୍ନ ଅଟୁ ।

## ସତ୍ୟନିଷ୍ଠା ଓ ସଚ୍ଚୋଟପଣିଆ ପ୍ରତି ଆମେ ସମର୍ପିତ

ଜଗତ ସତ୍ୟନିଷ୍ଠା ଓ ସଚ୍ଚୋଟପଣିଆ ପ୍ରତି ମନୋଯୋଗୀ ନୁହେଁ କାରଣ ସେମାନେ ଅନ୍ଧକାରରେ ରହିଛନ୍ତି । କିନ୍ତୁ ଯେହେତୁ ବାଇବଲ କହେ ଯେ ଆମେ ଆଲୋକର ଲୋକମାନେ, ଆମେ ଆଲୋକର ସନ୍ତାନମାନଙ୍କ ପରି ଆଚରଣ କରିବାକୁ ହେବ, ସତ୍ୟନିଷ୍ଠା ଓ ସଚ୍ଚୋଟତା ପ୍ରତି ପ୍ରତିଶ୍ରୁତିବଦ୍ଧ ରହିବାକୁ ହେବ ।

''କିନ୍ତୁ ଯେ ତୁମ୍ଭମାନଙ୍କୁ ଅନ୍ଧକାରରୁ  ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି, ତୁମ୍ଭେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ କର, ଏଥିନିମନ୍ତେ  ତୁମ୍ଭେମାନେ ଏକ  ମନୋନୀତ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ  ନିଜସ୍ୱ ପ୍ରଜା ହୋଇଅଛ । ପୂର୍ବରେ ତୁମ୍ଭେମାନେ ପ୍ରଜା ବାଚ୍ୟ ନ ଥିଲ, କିନ୍ତୁ ଏବେ ଈଶ୍ୱରଙ୍କ ପ୍ରଜା ହୋଇଅଛ, ପୂର୍ବରେ ତୁମ୍ଭେମାନେ ଦୟା ପାଇ ନ ଥିଲ, ମାତ୍ର ଏବେ ଦୟା ପ୍ରାପ୍ତ ହୋଇଅଛ । ହେ ପ୍ରିୟମାନେ, ତୁମ୍ଭେ ବିଦେଶୀ ଓ ପ୍ରବାସୀ ବୋଲି ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଶାରୀରିକ ଅଭିଳାଷଗୁଡ଼ାକରୁ ବିମୁଖ ହୁଅ, ସେଗୁଡ଼ାକ ଆତ୍ମାର ବିରୁଦ୍ଧରେ ଯୁଦ୍ଧ କରେ । ତୁମ୍ଭେମାନେ ବିଜାତିମାନଙ୍କ ମଧ୍ୟରେ ସଦାଚରଣ କର, ଯେପରି ସେମାନେ ଯେଉଁ ବିଷୟରେ ତୁମ୍ଭମାନଙ୍କୁ ଦୁଷ୍କର୍ମକାରୀ ବୋଲି ନିନ୍ଦା କରନ୍ତି, ତୁମ୍ଭମାନଙ୍କର ସୁକର୍ମ ଦେଖି ସେହି ବିଷୟରେ କୃପାଦୃଷ୍ଟି ଦିନରେ ଈଶ୍ୱରଙ୍କ ଗୌରବ କରିବେ''(୧ ପିତର ୨: ୯-୧୨) ।

ଯେ ଆମମାନଙ୍କୁ ଅନ୍ଧକାରରୁ  ତାଙ୍କର ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି ଆମେ ତାଙ୍କର ଗୁଣ କୀର୍ତ୍ତନ କରିବାକୁ ହେବ । ବିଶ୍ୱାସୀ ଭାବରେ, ଆମେମାନେ ପରିତ୍ରାଣ ପାଇ ନ ଥିବା ଅନ୍ୟ ଜାତୀୟ ଲୋକମାନଙ୍କ ଆଗରେ ସମ୍ମାନସ୍ପଦ  ଓ ସଚ୍ଚୋଟ

ଭାବରେ ଆଚରଣ କରିବାକୁ ଆହ୍ୱାନ ପାଇଅଛୁ । ତେଣୁ, ଆଲୋକର ଲୋକ ଭାବରେ ଆମେମାନେ ସତ୍ୟନିଷ୍ଠା ଓ ସଚ୍ଚୋଟପଣିଆ ପ୍ରତି ସମର୍ପିତ ରହିବା ଆବଶ୍ୟକ । ଅନ୍ୟ ଲୋକମାନେ ଆମମାନଙ୍କୁ ଦେଖିଲେ ସେମାନେ ବୁଝିବା ଉଚିତ ଯେ ଆମେ ଭିନ୍ନ ଅଟୁ, କାରଣ ଆମେ ସତ୍ୟନିଷ୍ଠା ଓ ସଚ୍ଚୋଟପଣିଆ ପ୍ରତି ପ୍ରତିଶ୍ରୁତିବଦ୍ଧ ଅଟୁ ।

**ଛାତ୍ର ଭାବରେ**

ଉଦାହରଣ ସ୍ୱରୂପ, ସ୍କୁଲ ବା କଲେଜରେ ନିରୀକ୍ଷକ ଯଦି ଚାହାପାନ ବିରତି ସମୟରେ ବାହାରକୁ ଯାଆନ୍ତି ଛାତ୍ରମାନେ କପି କରିବା ଆରମ୍ଭ କରି ଦିଅନ୍ତି । ତୁମ ପାଖରେ ବସିଥିବା ଛାତ୍ର ତୁମକୁ ମଧ୍ୟ କପି କରିବାକୁ କହେ । କିନ୍ତୁ ତୁମେ କପି କରି ପରୀକ୍ଷାରେ ଠକିବାକୁ ମନା କରିବା ଉଚିତ । ନିରୀକ୍ଷକଙ୍କ ଭୟରେ ନୁହେଁ, ମାତ୍ର ତୁମେ ଜାଣ ଯେ ତୁମେ ଜଣେ ଆଲୋକର ସନ୍ତାନ ଅଟ ।

ଆହୁରି ମଧ୍ୟ ତୁମେ ତୁମର ଘରପାଠ ସମ୍ପୂର୍ଣ୍ଣ କଲାବେଳେ ତୁମ ସହପାଠୀର ଖାତାରୁ ନକଲ କରି ନିଜେ ତାହା ଲେଖିଛ ବୋଲି କୁହ ନାହିଁ । କାରଣ ତୁମେ ସତ୍ୟନିଷ୍ଠା ଓ ସଚ୍ଚୋଟପଣିଆ ପ୍ରତି ପ୍ରତିଶ୍ରୁତିବଦ୍ଧ ଅଟ ।

**ପେଶାଦାର ବ୍ୟକ୍ତି ଭାବରେ**

ପେଶାଦାର ବ୍ୟକ୍ତି ଭାବରେ ତୁମେ ତୁମ ଜୀବନରେ ସଚ୍ଚୋଟପଣିଆ ବଜାୟ ରଖିବା ଆବଶ୍ୟକ । ତୁମେ କେବଳ ଜଣେ ପେଶାଦାର ବ୍ୟକ୍ତି ନୁହଁ, ତୁମେ ମଧ୍ୟ ଜଣେ ଆଲୋକର ସନ୍ତାନ ଅଟ, ଯାହା ତୁମକୁ ଅନ୍ଧକାରରେ ରହିଥିବା ଅନ୍ୟ ଜଣେ ପେଶାଦାର ବ୍ୟକ୍ତିଠାରୁ ତୁମକୁ ଭିନ୍ନ କରେ । ହୁଏତ ତୁମେ ଦୁଇଜଣ ଗୋଟିଏ ପ୍ରକାର ବ୍ୟବସାୟ ବା ବୃତ୍ତିରେ ରହିଛ, କିନ୍ତୁ ତୁମେ ଦୁହେଁ ଭିନ୍ନ ଜଣାଯିବା ଉଚିତ । ତୁମେ ଯେହେତୁ ସତ୍ୟନିଷ୍ଠା ଓ ସଚ୍ଚୋଟପଣିଆ ପ୍ରତି ପ୍ରତିଶ୍ରୁତିବଦ୍ଧ, ତୁମେ ତୁମର ଜୀବନୀ ତଥ୍ୟରେ ବା ରେଜ୍ୟୁମ୍‌ରେ ମିଛ କଥା ଲେଖିବ ନାହିଁ ।

ମୁଁ ଯେତେବେଳେ ପ୍ରଥମେ ଚାକିରୀ ପାଇଁ ଦରଖାସ୍ତ କଲି, ସେତେବେଳେ ମୁଁ ଏକ ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଥିଲି । ବିଶ୍ୱବିଦ୍ୟାଳୟ ବାହାରେ ଏକ କାର୍ଯ୍ୟ କରିବା ପାଇଁ ମୁଁ ଚାହିଁଲି । ମୁଁ ମୋର ଜୀବନୀ ତଥ୍ୟ ବା ରେଜ୍ୟୁମ୍ ଏକ ଚାକିରୀ ଯୋଗାଉଥିବା ଏଜେନ୍‌ସିକୁ ଦେଲି । ମୋର ଜଣେ ବନ୍ଧୁ ନ୍ୟୁ ଜେର୍‌ସିରେ ଭାରତୀୟମାନଙ୍କ ଦ୍ୱାରା ପରିଚାଳିତ ଏକ କର୍ମଯୋଗାଣକାରୀ ଏଜେନ୍‌ସିକୁ ମୋର ପରିଚୟ ଦେଇଥିଲେ ।

ତେଣୁ ମୁଁ ସେମାନଙ୍କ ନିକଟକୁ ମୋର ରେଜ୍ୟୁମ୍ ପଠାଇଲି । ମୋର ଆଶା ଥିଲା ସେମାନେ ମୋତେ ଏକ ଭଲ ଚାକିରୀ ଯୋଗାଇବେ । ପରେ ସେମାନେ ମୋତେ ଡାକି କହିଲେ ସେମାନେ ମୋ ରେଜ୍ୟୁମ୍‌ରେ କିଛି ପରିବର୍ତ୍ତନ ଚାହାନ୍ତି । ସେମାନେ ମୋର ରେଜ୍ୟୁମ୍‌କୁ ସଂଶୋଧନ କରି କେତେକ କମ୍ପାନୀରେ ମୁଁ ୨-୩ ବର୍ଷ ଆଗରୁ କାମ କରିଛି ବୋଲି ଦର୍ଶାଇଥିଲେ ।  ସେସବୁ କମ୍ପାନୀ ବିଷୟରେ ମୁଁ କେବେ ଶୁଣି ନ ଥିଲି । ଏହା ମୋ ନିମନ୍ତେ ଏକ ପସନ୍ଦର ବିଷୟ ହୋଇଥିଲା - ମୁଁ ଆଲୋକର ସନ୍ତାନ ଭାବରେ  ଭିନ୍ନ ଅଭିରୁଚି ରଖିବି କିଅବା ଅନ୍ଧକାରର ସନ୍ତାନ ହୋଇ ମିଥ୍ୟା କହିବି । ମୁଁ ସେହି ଏଜେନ୍‌ସିକୁ କହିଲି ଯେ ସେମାନେ ପ୍ରସ୍ତୁତ କରିଥିବା ରେଜ୍ୟୁମ୍ ମୋ ପକ୍ଷରେ ଗ୍ରହଣ ଯୋଗ୍ୟ ନୁହେଁ । ତା'ପରେ ସେମାନଙ୍କ ସହିତ ଏ ବିଷୟରେ ଆଉ ଯୋଗାଯୋଗ କରି ନ ଥିଲି । ମୋର ରେଜ୍ୟୁମ୍ ଗୋଟିଏ ଫର୍ଦ୍ଦ ବିଶିଷ୍ଟ ଥିଲା ଓ ଅତି ସରଳ ଥିଲା । ଏହାପରେ ମୁଁ ଏହାକୁ ସିଧାସଳଖ ଅନ୍ୟାନ୍ୟ ସ୍ଥାନକୁ ପଠାଇଲି । ମୋର ବିଶ୍ୱାସ ଥିଲା ଈଶ୍ୱର ମୋତେ  ଏକ ଉତ୍ତମ କମ୍ପାନୀରେ ନିଯୁକ୍ତି ଦେବେ ଯେଉଁଠାରେ ମୁଁ ଶିକ୍ଷକ୍ଷେତ୍ରରେ ଥିବା ଅନେକ ସର୍ବୋତ୍ତମ ବିଷୟସବୁ ବିଷୟରେ ଶିକ୍ଷାଲାଭ କରିବି । ସେ ତାହା କରିଥିଲେ । ମୋର ରେଜ୍ୟୁମ୍‌ରେ ମୁଁ ମିଥ୍ୟାର ଆଶ୍ରୟ ନେଇ ନ ଥିଲି ।

ଆମର ସଂଗଠନରେ ନିଯୁକ୍ତି ନିମନ୍ତେ ଆମେ ଅନେକଙ୍କର ସାକ୍ଷାତ୍‌କାର ନେଉଥିଲୁ ।  ଥରେ ଜଣେ ଯୁବକ  ଟେକ୍‌ନିକାଲ୍ ଟେଷ୍ଟରେ ଭଲ କରିଥିଲା ଓ ଶେଷ ପର୍ଯ୍ୟାୟ ସାକ୍ଷାତ୍‌କାର ବେଳକୁ ମୋ ସଙ୍ଗେ ଆସି ମିଶିଥିଲା । ସେ ଯେଉଁ କମ୍ପାନୀରେ କାର୍ଯ୍ୟ କରୁଥିଲା ସେ ବିଷୟରେ ପଚାରିବାରୁ ସେ ଏକ କମ୍ପାନୀର ନାମ ଓ ତା'ର ୱେବ୍‌ସାଇଟ୍ ଠିକଣା ଦେଲା ।  ମୁଁ ଯେତେବେଳେ ସେହି ଠିକଣାରେ ଅନୁସନ୍ଧାନ କଲି ସେପରି କୌଣସି କମ୍ପାନୀ ପାଇଲି ନାହିଁ । ମୁଁ ପୁନର୍ବାର ତା'କୁ ପଚାରିବାରୁ ସେ କହିଲା ଯେ କମ୍ପାନୀ ତା'ର ଠିକଣା ବଦଳାଇ ଦେଇଥିବ । ମୁଁ ତାକୁ କମ୍ପାନୀର ଫୋନ୍ ନମ୍ବର ମାଗିବାରୁ ସେ କହିଲା ଯେ ସେ ତା'ର ପୂର୍ବ ସିମ୍‌କାର୍ଡ଼ ହଜାଇ ଦେଇଛି, ଏଣୁ ସେମାନଙ୍କ ନମ୍ବର ଦେଇପାରିବ ନାହିଁ । ସେମାନଙ୍କର କୌଣସି ଲ୍ୟାଣ୍ଡଲାଇନ୍ ନମ୍ବର ମାଗିବାରୁ ତାହା ସେ ଜାଣି ନାହିଁ ବୋଲି କହିଲା । ମୁଁ ତାକୁ ପଚାରିଲି ସେଠାରେ ଏକ ବର୍ଷ କାର୍ଯ୍ୟ କରି ସେ କିପରି ସେହି କମ୍ପାନୀର ନମ୍ବର କିଛି ମନେ ରଖିପାରି ନାହିଁ, ଲୋକେ ତ କିଛି ଦିନ ପାଇଁ କୌଣସି ସ୍ଥାନରେ କାର୍ଯ୍ୟ କଲେ ନମ୍ବରସବୁ ମନେ ରଖନ୍ତି । ଯୁବକଟି ଶେଷରେ ସ୍ୱୀକାର କଲା ଯେ ସେ ରେଜ୍ୟୁମ୍‌ରେ ନିଜର ଅଭିଜ୍ଞତା ବିଷୟରେ ଯାହା ଲେଖିଛି ତାହା ମିଛ ।

ଏହିପରି ଅନ୍ୟ ଏକ ଘଟଣା ଘଟିଥିଲା ଯେତେବେଳେ ମୁଁ ଏକ ଖ୍ରୀଷ୍ଟୀୟ ସମାବେଶରେ ତିନି ଦିନ ଧରି ପ୍ରଚାର କରୁଥିଲି । ସେ ସମୟରେ ଜଣେ ଯୁବକ ମୋତେ ଦେଖାକଲା ଯେ କି ସେ ସମୟରେ ବାଙ୍ଗାଲୁରୁରୁ ଆସି ରହୁଥିଲା ଓ ଚାକିରିର ଅନ୍ୱେଷଣରେ ଥିଲା । ସଫ୍ଟ୍‌ୱେର୍ ଡେଭେଲପ୍‌ମେଣ୍ଟ୍ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସେ ଚାହୁଁଥିଲା । ମୁଁ ତାକୁ ତା'ର ନାମ, ଶିକ୍ଷାଗତ ଯୋଗ୍ୟତା ଓ ପୃଷ୍ଠଭୂମି ସମ୍ପର୍କରେ ପଚାରିବାରୁ ସେ କହିଲା, ''ମୁଁ ଏକ ତିନିମାସିଆ କୋର୍ସ କରିଛି, କିନ୍ତୁ ମୋର ପାଞ୍ଚବର୍ଷର ଅନୁଭୂତି ଅଛି ।'' ମୁଁ ତା'ର କଥା ଠିକ୍‌ରୂପେ ବୁଝିପାରି ନ ଥିଲି, ତେଣୁ ମୁଁ ବାଙ୍ଗାଲୁରୁ ଫେରିଗଲା ପରେ ମୋତେ ଭେଟିବା ପାଇଁ ମୁଁ ତାକୁ କହିଲି । ପରେ ସେ ମୋ ନିକଟକୁ ଆସି କହିଲା ଯେ ସେ ଜଣେ ପାଳକଙ୍କ ମିଶି କାର୍ଯ୍ୟ କରୁଥିଲା, ତାଙ୍କର ସେବାକାର୍ଯ୍ୟରେ ସାହାଯ୍ୟ କରୁଥିଲା । ତା'ପରେ ସେ ଏକ ଚାକିରି କରିବାକୁ ଚାହିଁଲା, ତେଣୁ ଏକ ତିନି-ମାସିଆ କୋର୍ସ କରିଥିଲା । ଏହା ପରେ ସେ ଯେଉଁ ରେଜ୍ୟୁମ୍ ପ୍ରସ୍ତୁତ କଲା ସେଥିରେ ପାଞ୍ଚବର୍ଷର ଅନୁଭୂତି ଅଛି ବୋଲି ସେ ଲେଖିଥିଲା, ଯଦିବା ତା'ର ସେପରି ଅନୁଭୂତି ନ ଥିଲା । ସେ ମଧ୍ୟ କହିଲା ଯେ ମୁଁ ଜଣେ ପାଳକ ହୋଇଥିବାରୁ ମୋତେ ସେ ସତକଥା କହୁଛି । ମୁଁ ଜାଣିପାରି ନ ଥିଲି କ'ଣ କହିବି, କିନ୍ତୁ ମୁଁ ଖୁସୀ ହୋଇଥିଲି ଯେ ସେ ଅନ୍ତତଃ ପକ୍ଷେ ମୋତେ ସତ କହିଲା । ମୁଁ ଦୁଃଖିତ ହୋଇଥିଲି ଯେ, ଜଣେ ଦୁଇବର୍ଷ ପୂର୍ଣ୍ଣ ସମୟ ପ୍ରଭୁଙ୍କର ସେବାକାର୍ଯ୍ୟ କରିବା ପରେ, ଚାକିରି ପାଇବା ଆଶାରେ, ମିଥ୍ୟାର ଆଶ୍ରୟ ନେଇ ପାରୁଛି ।

ବାଇବଲ କହେ ଯେ ଆମେ ଆଲୋକର ସନ୍ତାନମାନଙ୍କ ପରି ଆଚରଣ କରିବା ଉଚିତ । ଏହାର ଅର୍ଥ ପେଶାଦାର ବ୍ୟକ୍ତି ଭାବରେ ଆମର ସଙ୍କୋଚପଣିଆ ସଙ୍ଗେ ଆମେ ସାଲିସ୍ କରିପାରିବା ନାହିଁ । ଜଣେ ଖ୍ରୀଷ୍ଟିୟାନ ପେଶାଦାର ବ୍ୟକ୍ତି ବା କର୍ମଚାରୀ ଭାବରେ ଅଫିସ୍‌ର ସୁବିଧାସୁଯୋଗର ଅପବ୍ୟବହାର ନ କରିବା ବିଷୟରେ ସତର୍କ ଓ ନିଶ୍ଚିତ ରୁହନ୍ତୁ । ବାଇବଲ ମଧ୍ୟ ତାହା କହେ ।

''ଦାସମାନଙ୍କୁ ଶିକ୍ଷା ଦିଅ ଯେ, ସେମାନେ ଆପଣା ଆପଣା କର୍ତ୍ତାମାନଙ୍କର ବଶୀଭୂତ ହୋଇ ରୁହନ୍ତୁ, ସମସ୍ତ ବିଷୟରେ ସେମାନଙ୍କର ସନ୍ତୋଷଭାଜନ ହୁଅନ୍ତୁ । ପ୍ରତିବାଦ ନ କରନ୍ତୁ, କିଛି ହିଁ ଚୋରି ନ କରି ବରଂ ସମ୍ପୂର୍ଣ୍ଣ ବିଶ୍ୱସ୍ତତା ପ୍ରକାଶ କରନ୍ତୁ, ଯେପରି ସେମାନେ ସବୁ ବିଷୟରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଈଶ୍ୱରଙ୍କ ଶିକ୍ଷାର ଅଳଙ୍କାରସ୍ୱରୂପ ହୁଅନ୍ତି''(ତୀତସ ୨: ୯, ୧୦) ।

ଦାସମାନେ, ଅର୍ଥାତ୍ କର୍ମଚାରୀମାନେ, ସେମାନଙ୍କର ଉଚ୍ଚ କର୍ତ୍ତୃପକ୍ଷ,ବା ସେମାନଙ୍କର ନିୟୋଗକର୍ତ୍ତାମାନଙ୍କ ନିକଟରେ ବଶୀଭୂତ ହୋଇ ରହିବା ଆବଶ୍ୟକ । କର୍ମଚାରୀମାନେ ସବୁ ବିଷୟରେ ସନ୍ତୋଷଜନକ  କାର୍ଯ୍ୟ କରୁଥିବା ଆବଶ୍ୟକ ଓ ସେମାନଙ୍କର ହାକିମମାନଙ୍କ ପ୍ରତି ଅଶିଷ୍ଟ ବ୍ୟବହାର ଦେଖାଇବା ଅନୁଚିତ । ଏହା ବାଇବଲର ପରିଚାଳନାଗତ  ନୀତି । କର୍ମଚାରୀମାନେ ମଧ୍ଯ ଛୋଟ ଛୋଟ ଚୋରି କରିବା ଅନୁଚିତ, କିନ୍ତୁ ସବୁ ବିଷୟରେ ବିଶ୍ୱସ୍ତତା ଦେଖାଇବା ଉଚିତ, ଯଦ୍ଦ୍ୱାରା ଆମର ତ୍ରାଣକର୍ତ୍ତା ଈଶ୍ୱରଙ୍କ ଶିକ୍ଷାକୁ ସେମାନେ ସବୁ ବିଷୟରେ ଆକର୍ଷଣୀୟ କରିପାରିବେ । ତେଣୁ ଜଣେ ଖ୍ରୀଷ୍ଟିୟାନ କର୍ମଚାରୀ ଭାବରେ, ଆପଣଙ୍କ ଅଫିସର ଅନ୍ୟ ସମସ୍ତେ ଭୁଲ କରୁଥିଲେ ମଧ୍ଯ, ସେମାନଙ୍କର ଅନୁରୂପୀ ନ ହୁଅନ୍ତୁ । ଆପଣ ନିଜକୁ ଭିନ୍ନ ପ୍ରମାଣିତ କରିବାକୁ ହେବ । ଆପଣଙ୍କ କମ୍ପାନୀର ସଂସ୍କୃତି  ଏପରି ହୋଇପାରେ ଯେ ଆପଣ ଆପଣଙ୍କ ଦରମା ସାଙ୍ଗକୁ ଅଫିସ୍‌ର ଅନେକ ସୁବିଧା ନେଇପାରିବେ । କିନ୍ତୁ ଆପଣ ଜଣେ ଆଲୋକର ସନ୍ତାନ ଅଟନ୍ତି ଏବଂ ଅନ୍ଧକାରରୁ ଆଲୋକ ମଧ୍ଯକୁ ଆସିଛନ୍ତି, ଯେପରି  କି ଆଲୋକରେ ଆଚରଣ କରିବେ, ତେଣୁ ଜଣେ କର୍ମଚାରୀ ଭାବରେ ଆପଣ କଠିନ ପରିଶ୍ରମ କରି ଯାହା ପାଆନ୍ତି ସେଥିରେ ସନ୍ତୁଷ୍ଟ ରହନ୍ତୁ ।

ଏହି କୁଟିଳ ଓ ଦୁଷ୍ଟ ବଂଶ ମଧ୍ୟରେ ଆପଣ କିପରି ଜଗତକୁ ଦେଖାଇବେ ଯେ ଆପଣ ଜଣେ ଈଶ୍ୱରଙ୍କ ସନ୍ତାନ ଅଟନ୍ତି ? ବାଇବଲ ଆମକୁ ପରାମର୍ଶ ଦିଏ ଯେ ଆମେ ସଚ୍ଚୋଟ ଓ ସତ୍ୟନିଷ୍ଠ ଲୋକ ଭାବରେ ଜୀବନ ଯାପନ କରିବା ଏବଂ ସମସ୍ତ କାର୍ଯ୍ୟକୁ ଗରଗର ନ ହୋଇ ବା ଆପତ୍ତି ନ କରି କରିବା, ଯଦ୍ଦ୍ୱାରା ଏହି କୁଟିଳ ଓ ଦୁଷ୍ଟ ବଂଶ ମଧ୍ୟରେ ଆମେ ନିଜକୁ ଈଶ୍ୱରଙ୍କ ସନ୍ତାନ ଭାବରେ ପ୍ରମାଣିତ କରି ଦେଖାଇ ପାରିବା ।

''ବଚସା ଓ ତର୍କବିତର୍କ ବିନା ସମସ୍ତ କାର୍ଯ୍ୟ କର, ଯେପରି ତୁମ୍ଭେମାନେ  ନିର୍ଦ୍ଦୋଷ ଓ ଅମାୟିକ ହୋଇ ଏହି କୁଟିଳ ବିପଥଗାମୀ ବଂଶ ମଧ୍ୟରେ ଈଶ୍ୱରଙ୍କ ଅନିନ୍ଦନୀୟ ସନ୍ତାନସନ୍ତତି ହୁଅ; ସେମାନଙ୍କ ମଧ୍ୟରେ ତୁମ୍ଭେମାନେ ଜୀବନର ବାକ୍ୟ ଧରି ଜଗତରେ ଜ୍ୟୋତିସ୍ୱରୂପ ପ୍ରକାଶ ପାଉଅଛ'' (ଫିଲିପୀ ୨: ୧୪, ୧୫) ।

ଯଦି ଆପଣଙ୍କ ସହକର୍ମୀମାନେ ଅଫିସରେ  ଗରଗର ହେଲେ ଓ ଆପତ୍ତି କଲେ, ଆପଣ ସେମାନଙ୍କ ସହିତ ଯଦି ଯୋଗଦାନ କରନ୍ତି ତେବେ ଆପଣଙ୍କ ଓ ସେମାନଙ୍କ ମଧ୍ୟରେ ଭିନ୍ନତା କେଉଁଠି ରହିଲା ? ପ୍ରତ୍ୟେକ କାର୍ଯ୍ୟକୁ ବିନା ଆପତ୍ତି ବା ଅଭିଯୋଗରେ କରି ଆମେ ଆଲୋକର ସନ୍ତାନ ବୋଲି ଦେଖାଇବା ଆବଶ୍ୟକ । ଆମେନ୍ !

ଆମେ ଯେଉଁମାନେ ବ୍ୟବସାୟ ପରିଚାଳନା କରୁଛୁ ଓ କର୍ମଚାରୀମାନଙ୍କ ଦରମା ଉପରେ ନିଷ୍ପତ୍ତି ଗ୍ରହଣ କରୁଛୁ, ବାଇବଲ କହେ ଆମେ ସେମାନଙ୍କର ଶୋଷଣ କରିବା ବା ସେମାନଙ୍କର ପ୍ରାପ୍ୟ ଅଟକାଇ ରଖିବା ଅନୁଚିତ ।

''ତୁମ୍ଭେ ଆପଣା ପ୍ରତିବାସୀ ପ୍ରତି ଅନ୍ୟାୟ କରିବ ନାହିଁ ଓ ଅପହରଣ କରିବ ନାହିଁ । ପୁଣି, ବେତନଜୀବୀର ବେତନ ରାତ୍ରିଠାରୁ ସକାଳ ଯାଏ ତୁମ୍ଭ ପାଖରେ ରହିବ ନାହିଁ'' (ଲେବୀ ୧୯:୧୩) ।

ଯଦି ଆପଣ ଅନ୍ୟମାନଙ୍କୁ କାର୍ଯ୍ୟରେ ନିଯୋଜିତ କରିଛନ୍ତି, ତେବେ ସେମାନେ ଯେପରି ଠିକ୍ ସମୟରେ ନିୟମିତ ସେମାନଙ୍କର ପ୍ରାପ୍ୟ ପାଆନ୍ତି ଏହା ନିଶ୍ଚିତ କରନ୍ତୁ । ଆପଣ କହିପାରନ୍ତି ଯେ ନିୟମିତ ଦରମା ନ ଦେବା ''ଭାରତୀୟ କମ୍ପାନୀର ସଂସ୍କୃତି'' ଅଟେ । କିନ୍ତୁ ଶୁଣନ୍ତୁ, ଆମେ ସେହି ସଂସ୍କୃତିର ଲୋକ ନୋହୁଁ, ମାତ୍ର ଈଶ୍ୱରଙ୍କ ରାଜ୍ୟର ସଂସ୍କୃତିର ଲୋକ ! ଏବଂ ଈଶ୍ୱର କହନ୍ତି ଯେ ଆମେ କୌଣସି ବେତନଜୀବୀର ବେତନ ଅଟକାଇ ରଖିବା ଅନୁଚିତ । ଯଦି ଆପଣଙ୍କ କର୍ମଚାରୀ କାର୍ଯ୍ୟ ସମ୍ପନ୍ନ କରିଛି, ତାକୁ ତା'ର ପାଉଣା ଦେଇ ଦିଅନ୍ତୁ ।

''ଯେଉଁ ଲୋକ ଅଧର୍ମରେ ଆପଣା ଗୃହ ଓ ଅନ୍ୟାୟରେ ଆପଣା କୋଠରିମାନ ନିର୍ମାଣ କରେ; ଯେ ବିନା ବେତନରେ ଆପଣା ପ୍ରତିବାସୀକି ସେବା କରାଏ ଓ ତାହାର ବେତନ ତାହାକୁ ନ ଦିଏ'' (ଯିରିମିୟ ୨୨:୧୩) ।

ଯଦି ଆପଣ ଆପଣଙ୍କ ପ୍ରତିବାସୀକୁ ସେବାରେ ଲଗାଇ କାର୍ଯ୍ୟ କରିଛନ୍ତି, ତେବେ ତାକୁ ବେତନ ନ ଦେଇ ରହନ୍ତୁ ନାହିଁ । ଗୃହିଣୀମାନେ, ଯଦି ଆପଣ ଚାକରାଣୀମାନଙ୍କ ସେବା ନେଉଛନ୍ତି ତେବେ ସେମାନଙ୍କୁ ଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ଦେଇ ଦିଅନ୍ତୁ । ଭିନ୍ନ ହୁଅନ୍ତୁ ।

ମୁଁ ଅନେକଙ୍କୁ ପଚାରେ, କାହିଁକି ସେମାନେ ଚାକିରି ଛାଡ଼ି ଦେଉଛନ୍ତି । ଅନେକ କହନ୍ତି ସେମାନେ ଛ'ମାସ ହେବ ଦରମା ପାଇ ନାହାନ୍ତି । ବଡ଼ ବଡ଼ କମ୍ପାନୀରେ ପ୍ରାୟ ୭୦୦ ଜଣ କର୍ମଚାରୀ ଥାଆନ୍ତି । ଈଶ୍ୱର ଏହି ପ୍ରକାର କାର୍ଯ୍ୟ ସଂସ୍କୃତିକୁ ପସନ୍ଦ କରନ୍ତି ନାହିଁ ।

ଜଣେ ବାଙ୍ଗାଲୁରୁ କଣ୍ଟ୍ରାକ୍ଟର ଗୋଟିଏ ବଡ଼ ସଫ୍ଟୱେର୍ କମ୍ପାନୀର ଅଫିସ୍ ଗୃହ ଛାତର ଉପରିଭାଗକୁ ଉତ୍ତମରୂପେ ବଡ଼ କରି ନିର୍ମାଣ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିଥିଲେ । କାର୍ଯ୍ୟ ହେବାର ଦୁଇ ବର୍ଷ ପର୍ଯ୍ୟନ୍ତ ତାଙ୍କୁ ଟଙ୍କା ମିଳି ନ ଥିଲା । ଆଲୋକର

ସନ୍ତାନ ଭାବରେ ଏବଂ ନିଯୁକ୍ତିଦାତା ଭାବରେ ଜୀବନରେ ଆମେ ସତ୍ୟନିଷ୍ଠା ଓ ସଚ୍ଚୋଟପଣିଆ ରକ୍ଷା କରିବାକୁ ହେବ । ଆମର କଥାବାର୍ତ୍ତା ଓ ଆଚରଣରେ ମଧ୍ୟ ତାହା ଦେଖାଯିବା ଆବଶ୍ୟକ ।

''ଆଉ ହେ କର୍ତ୍ତାମାନେ, ସେହିପରି ଭାବେ ସେମାନଙ୍କ ପ୍ରତି ବ୍ୟବହାର କର, ତର୍ଜ୍ଜନଗର୍ଜ୍ଜନ କରିବାରୁ ନିବୃତ୍ତ ହୁଅ, ସେମାନଙ୍କ ଓ ତୁମ୍ଭମାନଙ୍କ, ଉଭୟଙ୍କର ପ୍ରଭୁ ଯେ ସ୍ୱର୍ଗରେ ଅଛନ୍ତି, ପୁଣି ତାହାଙ୍କ ନିକଟରେ କୌଣସି ମୁଖାପେକ୍ଷା ନାହିଁ, ଏହା ଜାଣ''(ଏଫିସୀୟ ୬:୯) ।

ଦିନେ ମୁଁ ଜଣେ ବ୍ୟକ୍ତିଙ୍କ ଗୃହରେ ଥିଲି । ଗୃହକର୍ତ୍ତା ମୋତେ କଫି ଦେଲେ ଓ ମୁଁ ତାହା ଗ୍ରହଣ କଲି । ଅନ୍ୟ ଜଣେ ବ୍ୟକ୍ତି ସେଠାରେ ଥିଲେ, ସେ କହିଲେ ଯେ ସେ ଜଳଖିଆ ଖାଇ ସାରିଛନ୍ତି, ତେଣୁ ଆଉ କିଛି ଖାଇବେ ନାହିଁ । ଗୃହକର୍ତ୍ତାଙ୍କୁ ମଧ୍ୟ ମୋ ସଙ୍ଗେ ଯୋଗ ଦେବାକୁ କହିଲି । ସେ କହିଲେ ଯେ ସେ ଉପବାସ କରୁଛନ୍ତି । ସେଠାରେ ଥିବା ଅନ୍ୟଜଣେ ଭଦ୍ରବ୍ୟକ୍ତି ଯେ କି ଜଳଖିଆ ଖାଇ ସାରିଛନ୍ତି କହୁଥିଲେ, ସେ ବି କହିଲେ ଯେ ସେ ପ୍ରକୃତରେ ଉପବାସରେ ଅଛନ୍ତି । ମୁଁ ଆଶ୍ଚର୍ଯ୍ୟ ହେଲି, ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ କାହିଁକି ସଚ୍ଚୋଟପଣିଆର ଅଭାବ ରହିଛି । ଆମେ କ'ଣ ଜଗତଠାରୁ ଭିନ୍ନ ହେବା ଉଚିତ ନୁହେଁ ? ଆମେ କ'ଣ ଆଲୋକର ସନ୍ତାନ ହେବା ଉଚିତ ନୁହେଁ ? ଆମକୁ କ'ଣ କୁହାଯାଇ ନାହିଁ ଯେ ଆମେ ଜଗତର ଅନୁରୂପୀ ହେବା ଅନୁଚିତ, ଏବଂ ଆମେ ଈଶ୍ୱରଙ୍କ ମାର୍ଗସବୁରେ ଓ ଚିନ୍ତାଧାରାରେ ଜୀବନ ଯାପନ କରିବାକୁ ହେବ ?

## ଶୁଦ୍ଧତା ଓ ଶାଳୀନତା ପ୍ରତି ଆମେ ସମର୍ପିତ

''ଶାରୀରିକ ଅଭିଳାଷଗୁଡ଼ାକରୁ ବିମୁଖ ହୁଅ, ସେଗୁଡ଼ାକ ଆତ୍ମାର ବିରୁଦ୍ଧରେ ଯୁଦ୍ଧ କରେ'' (୧ ପିତର ୨: ୧୧ଖ) ।

କୁଅଭିଳାଷଗୁଡ଼ାକରୁ ବିରତ ହୁଅନ୍ତୁ । ଅନ୍ଧକାରରୁ ତାଙ୍କର ଆଶ୍ଚର୍ଯ୍ୟ ଆଲୋକକୁ ଯେ ଆହ୍ୱାନ କଲେ, ତାଙ୍କର ଗୁଣ କୀର୍ତ୍ତନ କରୁଥିବା ଲୋକ ଭାବରେ ଆମେ କୁଅଭିଳାଷ ସବୁରୁ ବିମୁଖ ରହିବା ଉଚିତ । ଆମେ ଶୁଦ୍ଧତା ଓ ଶାଳୀନତା ପ୍ରତି ସମର୍ପିତ ରହିବାକୁ ହେବ ।

**ଆଲୋକର ସନ୍ତାନମାନଙ୍କ ପରି ଜୀବନଯାପନ କରନ୍ତୁ । ସଚ୍ଚୋଟ ଓ ସତ୍ୟନିଷ୍ଠଭାବେ ଆପତ୍ତି ବା ଅଭିଯୋଗ ନ କରି ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତୁ । ତା'ହେଲେ ଏହି କୁଟିଳ ଓ ଦୁଷ୍ଟ ବଂଶ ଆଗରେ ଆମେ ନିଜକୁ ଈଶ୍ୱରଙ୍କ ସନ୍ତାନ ଭାବରେ ଦେଖାଇ ପାରିବା ।**

## ଯୁବତୀ ନାରୀ

ରିବିକା ସେଣ୍ଟ୍ ଯେମ୍ସ ଜଣେ ଜଣାଶୁଣା ଖ୍ରୀଷ୍ଟିୟାନ ରକ୍ କଳାକାର । ସେ ଜଣେ ଧାର୍ମିକା ମହିଳା । ସେ ଅନେକ ଖ୍ରୀଷ୍ଟୀୟ ଗୀତ ଗାନ କରିଛନ୍ତି ଯାହା କିଶୋରକିଶୋରୀ ଓ ଯୁବକଯୁବତୀମାନେ ପସନ୍ଦ କରନ୍ତି । Familylife.com ପକ୍ଷରୁ ଆମି ଗୁଡ୍‌ମେନ୍ ତାଙ୍କର ସାକ୍ଷାତ୍‌କାର ନେଇଥିଲେ । 'ଶାଳୀନତା ପ୍ରତି ସମର୍ପିତ' ନାମକ ପ୍ରସଙ୍ଗ ଉପରେ ସେ କହିଥିଲେ, ଯାହାର କିଛି ଅଂଶ ନିମ୍ନରେ ଦିଆଯାଇଛି ।

ରିବିକା କହନ୍ତି *''ମୁଁ ବିଭିନ୍ନ ବିଷୟରେ ଯାହା ଆକର୍ଷଣୀୟ ମନେ କରିଥାଏ ତାହା ହିଁ କରିଥାଏ । ଆପଣମାନେ ଜାଣନ୍ତି, ମୁଁ ଯାହା ପରିଧାନ କରେ ତାହା ଏକ ନିର୍ଦ୍ଦିଷ୍ଟ ପ୍ରକାରର ଲୋକଙ୍କୁ ଆକର୍ଷିତ କରିଥାଏ । ଏବଂ ଶେଷରେ ମୁଁ ଯାହାକୁ ମୋର ସ୍ୱାମୀ ରୂପେ ପାଇବାକୁ ଚାହେଁ ସେ ନିଶ୍ଚେ ପବିତ୍ରତା ପ୍ରତି ସମର୍ପିତ ବ୍ୟକ୍ତି ହୋଇଥିବେ । ସେ କୁଅଭିଳାଷରୁ ବିମୁଖ ଥିବେ । ଯଦି ମୁଁ ଆକର୍ଷଣୀୟ ପୋଷାକ ପିନ୍ଧେ, ମୁଁ ଯେଉଁ ବ୍ୟକ୍ତିଙ୍କୁ ଆକର୍ଷିତ କରିବି ସେ ମୋର ପୋଷାକକୁ ପସନ୍ଦ କରୁଥିବେ । କିନ୍ତୁ ଏହା ପ୍ରକାଶ କରୁଥିବ ଯେ ମୁଁ ଅପବିତ୍ର, ତଥାପି ସେହି ପୁରୁଷଙ୍କର ସେଥିରେ ଆପତ୍ତି ନ ଥିବ; ଯଦି ମୁଁ ଶାଳୀନତା ଯୁକ୍ତ ପୋଷାକ ପିନ୍ଧେ, ଏହା ଏପରି ପୁରୁଷଙ୍କୁ ଆକର୍ଷିତ କରିବ ଯେ କି ତାକୁ ସମ୍ମାନ ଦିଅନ୍ତି ଓ ପସନ୍ଦ କରନ୍ତି । ତେଣୁ ସେପରିଭାବେ ପୋଷାକ ପରିଧାନ କରିବାକୁ ମୁଁ ପସନ୍ଦ କରେ ।*

*ମୁଁ ସୌଖୀନ, ଅନୁତ୍ତେଜକ, ଆଧୁନିକ ପୋଷାକ ପିନ୍ଧିବାକୁ ଚାହେଁ ଯାହା ଶାଳୀନତା ପ୍ରକାଶ କରୁଥିବ, ଶରୀର ଏତେ ପ୍ରକାଶିତ ହେଉ ନ ଥିବ ବା ଚିପା ନ ଥିବ । ଏପରି ପୋଷାକ ମିଳିବା କଷ୍ଟକର । କିନ୍ତୁ ଏହା ଏକ ଯଥାର୍ଥ ଯୁଦ୍ଧ, କାରଣ ମୁଁ ଶାଳୀନତାରେ ବିଶ୍ୱାସ ରଖେ, ଏବଂ ମୁଁ ଯବାନୀ ଝିଅମାନଙ୍କୁ ଅବାଟରେ ନେବାକୁ ଚାହେଁ ନାହିଁ କି ଖ୍ରୀଷ୍ଟରେ ମୋର ଭାଇମାନଙ୍କର ଝୁଣ୍ଟି ପଡ଼ିବା ବା କାମାସକ୍ତ ହେବାର କାରଣ ହେବାକୁ ଚାହେଁ ନାହିଁ ।*

*ଆପଣ ଜାଣନ୍ତି, ଅନେକ ସମୟରେ ମୋର ପିତା, ଯଦି ମନେ କରନ୍ତି ଯେ ମୁଁ ଯାହା ପିନ୍ଧିଛି ତାହା ଟିକିଏ ଉତ୍ତେଜକ ଅଟେ, ତେବେ ସେ କହନ୍ତି, 'ଏହା ବାଳକମାନଙ୍କୁ ଆକର୍ଷଣ କରିବା ପୋଷାକ ।' ତେଣୁ ସେ ମୋତେ ଚିଡ଼େଇବା ଭଳି କହୁଥିଲେ । କିନ୍ତୁ ତାଙ୍କୁ ଯେଉଁ ବିଷୟ ପସନ୍ଦ ହେଉ ନ ଥିଲା, ସେ ସିଧାସଳଖ ମୋତେ ତାହା କହୁଥିଲେ । ବାପା ମୋତେ ଜଣେ ଛୋଟ ଝିଅ, ଛୋଟ ବାଳିକା ମନେ କରି ମୋତେ ଏହା କହୁଥିଲେ,*

କାରଣ ମୁଁ ଯାହା ପିନ୍ଧୁଥିଲି ସେଥିରେ ସେ ଖୁସୀ ହେଉ ନ ଥିଲେ । ମା ଏଥିରେ ହସ୍ତକ୍ଷେପ କରୁଥିଲେ । ଏଣୁ ମୋର ତରୁଣାବସ୍ଥାରେ ମୁଁ ମୋର ପିତାମାତାଙ୍କଠାରୁ ଉତ୍ତମ ଓ ସନ୍ତୁଳିତ ପ୍ରତିକ୍ରିୟା ପାଇଛି । ଯଦି କେବଳ ମୋର ପିତା ମୋତେ ଏ ବିଷୟରେ କହିଥାନ୍ତେ ତେବେ ସେଥିରେ ଭୁଲ ରହିଥାନ୍ତା, କାରଣ ସେ ରକ୍ଷଣଶୀଳ ଭାବରେ କହିଥାନ୍ତେ । ମୋ ପିତାମାତା ମୋତେ ସବୁବେଳେ ଉତ୍ସାହିତ କରୁଥିଲେ । ମୋର ମାତା ଯେଉଳି ଭାବରେ ପୋଷାକ ପିନ୍ଧୁଥିଲେ ସେଥିରେ ତାଙ୍କ ଶରୀରର ଚର୍ମ ଏତେ ଅନାବୃତ ହେଉ ନଥିଲା, ତାଙ୍କର ସ୍କର୍ଟ ଓ ପାଇଜାମା ମଧ୍ୟ ଛୋଟ ମାପର ବା ଚିପା ନ ଥିଲା । ମୁଁ ମୋ ଅନ୍ତର ମଧ୍ୟରେ ଜାଣିଥିଲି ଯେ ମୁଁ ମଧ୍ୟ ସେପରି ପୋଷାକ ପିନ୍ଧିବା ଠିକ୍ ହେବ । ମୁଁ ମଧ୍ୟ ସେପରି ଭାବରେ ଜୀବନ ଯାପନ କରିବାକୁ ଚାହୁଁଥିଲି । ମୁଁ ଏପରି କୌଣସି କାର୍ଯ୍ୟ କରିବାକୁ ଚାହୁଁ ନ ଥିଲି ଯାହା ମୋର ପିତାମାତାଙ୍କୁ ଏବଂ ଈଶ୍ୱରଙ୍କୁ ଅସନ୍ତୁଷ୍ଟ କରିବ ଏବଂ ଅନ୍ୟମାନଙ୍କୁ ଆଘାତ ପହଞ୍ଚାଇବ । ତେଣୁ ମୁଁ ମନେକରେ, ଖ୍ରୀଷ୍ଟିୟାନ ଭାବରେ ଈଶ୍ୱରଙ୍କ ଦୃଷ୍ଟିରେ ଏହା ମୋର ଦାୟିତ୍ୱ ଯେ ମୁଁ ଯଥାର୍ଥ ବିଷୟ କରିବି ।

ଏହା ଚିତ୍ତାକର୍ଷକ ବିଷୟ ଯେ ମୁଁ ଯେତେବେଳେ ସଙ୍ଗୀତରେ ଯୋଗ ଦେଲି ସେତେବେଳେ ଭିତରେ ଆମେ କୋଟ୍ ପିନ୍ଧୁଥିଲୁ । ତାହା ଠିକ୍ ଥିଲା, କାରଣ ସେଥିରେ ଶାଳୀନତା ପ୍ରକାଶ ପାଉଥିଲା । କୋଟ୍‌ସବୁ ବର୍ତ୍ତମାନ ଆଉ ଏତେଟା ଉତ୍ତେଜକ ନୁହେଁ । ବର୍ତ୍ତମାନ ସୌଖିନ ଟପ୍‌ସବୁ ଯାହା ଶରୀରର ଅନେକ ଅଂଶକୁ ଅନାବୃତ କରିଥାଏ ଟିଭିରେ ଆମେ ଦେଖିଥାଉ । ଏଣୁ ଦୋକାନମାନଙ୍କରେ ଶାଳୀନତାଯୁକ୍ତ ସୌଖୀନ ଓ ଅନୁତ୍ତେଜକ ପୋଷାକ ପାଇବା କଷ୍ଟକର ।

ମଞ୍ଚ ଉପରେ ବା ମଞ୍ଚ ବାହାରେ ମୁଁ ଯେଉଳି ପୋଷାକ ପରିଧାନ କରେ, ସେ ବିଷୟରେ ମୁଁ କିଛି ନିୟମ ପାଳନ କରେ । ଗୋଟିଏ ବିଷୟରେ ମୁଁ ସଜାଗ ରହିଥାଏ ଯେ ମଞ୍ଚ ଉପରେ ପରିବେଷଣ କରିବା ସମୟରେ ପାଇଜାମା ନିଶ୍ଚେ ପିନ୍ଧେ, କାରଣ ସ୍କର୍ଟ ପିନ୍ଧି ରକ୍ ସଙ୍ଗୀତ ଗାଇବା କଷ୍ଟକର । ମୁଁ ମଧ୍ୟ ଚିପା ପୋଷାକ ପିନ୍ଧେ ନାହିଁ, କାରଣ ତଦ୍ୱାରା ପ୍ରତ୍ୟେକ ବକ୍ର ଅଂଶ ଦେଖାଯାଏ । ମୁଁ ବର୍ତ୍ତମାନ ଟପ୍ ପିନ୍ଧିଛି, ଯଦି ମୁଁ ସେପରି ପିନ୍ଧିବି ତେବେ ତାହା ଅତି ଚିପା ଜଣାଯିବ । କିନ୍ତୁ ମୁଁ ଭିତରେ ଦୁଇଟି ସାର୍ଟ୍ ପିନ୍ଧେ ଯଦ୍ୱାରା ଏହା ଶିଷ୍ଟାଚାରଯୁକ୍ତ ହୋଇଥାଏ । ଜଣେ ପୁରୁଷକୁ ଏହା ଭଲ ଲାଗି ନ ପାରେ । କେତେବର୍ଷ ତଳେ ଜଣେ ବକ୍ତା ଆମ ଝିଅମାନଙ୍କ ଦଳରେ କହିଥିଲେ, ‘‘ଏହି ଯୁବ ସମ୍ମେଳନ ମଧ୍ୟକୁ ଅନେକ ଯୁବକ ଆସି ଆପତ୍ତି କରୁଛନ୍ତି ଯେ ସେମାନେ ଜାଣିପାରୁ

*ନାହାନ୍ତି କ'ଣ ଦେଖିବେ ।'' ସେମାନେ ଈଶ୍ୱରଙ୍କର ଉପାସନା କରି ତାଙ୍କର ନିକଟବର୍ତ୍ତୀ ହେବାକୁ ଆସୁଛନ୍ତି । ଅଥଚ ସେମାନେ ଚିପା ପୋଷାକ ପିନ୍ଧିଥିବା ଝିଅମାନଙ୍କୁ ଦେଖିବାକୁ ଚାହାନ୍ତି ଏବଂ ସେମାନେ ଜାଣି ପାରୁ ନ ଥିଲେ କ'ଣ ଦେଖିବେ । ତେଣୁ ତାହା ସେମାନଙ୍କୁ ହତବୁଦ୍ଧି କରିଥିଲା । ତେଣୁ ଶାଳୀନତା ଅସଲ ବିଷୟ । ଅଧିକାଂଶ ଝିଅ ପୋଷାକ ପରିଧାନର ଶକ୍ତି ବିଷୟରେ ବୁଝନ୍ତି ନାହିଁ, କାରଣ ଏହା ଜଣେ ଖ୍ରୀଷ୍ଟୀୟ ଭ୍ରାତା ଉପରେ ଓ ପୁରୁଷମାନଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇଥାଏ ।''*

ଏହି ସାକ୍ଷାତ୍‌କାରରେ ଏକ ମହତ୍ତ୍ୱପୂର୍ଣ୍ଣ ଉକ୍ତିକୁ ଆମେ ଦେଖିବା । ରିବିକା କହନ୍ତି ସେ ଯାହା ପରିଧାନ କରନ୍ତି ତାହା ଏକ ''ନିର୍ଦ୍ଦିଷ୍ଟ ପ୍ରକାରର'' ଲୋକକୁ ଆକର୍ଷିତ କରିବ । ଯୁବତୀ ନାରୀମାନେ, ତୁମେ ଯଦି ଆକର୍ଷଣୀୟ ପୋଷାକ ପିନ୍ଧିବ, ତୁମେ ମଧ୍ୟ ସେହି ପ୍ରକାରର ଲୋକଙ୍କୁ ଆକର୍ଷିତ କରିବ । ତୁମ ସ୍ୱାମୀ ସେପରି ଜଣେ ବ୍ୟକ୍ତି ହୁଅନ୍ତୁ ବୋଲି ତୁମେ ଚାହଁ କି ? ତୁମ ମଧ୍ୟରେ ଅନେକେ ଏ ବିଷୟରେ ନିଶ୍ଚିତ ନୁହଁ । ରିବିକା ଯାହା କହନ୍ତି ତାହା ଅନୁଭବକ୍ଷମ । ଯଦି କେହି ଉତ୍ତେଜକ ପୋଷାକ ପିନ୍ଧନ୍ତି ନାହିଁ କି ଉତ୍ତେଜକ ଦେଖାଯାଆନ୍ତି ନାହିଁ, ତେବେ ସେ ହେଉଛନ୍ତି ରିବିକା ସେଣ୍ଟ୍ ଯେମ୍ସ । ସେ ମଞ୍ଚ ଉପରେ ହଜାର ହଜାର ଲୋକଙ୍କ ଆଗରେ ଗୀତ ଗାଆନ୍ତି ଏବଂ ଅନେକ ଆଲ୍‌ବମ୍ ପ୍ରସ୍ତୁତ କରନ୍ତି । ମୁଁ ନିଶ୍ଚିତ ଯେ ସେ ଅନୁତ୍ତେଜକ ପୋଷାକ ପରିଧାନ କରି, ଅନୁତ୍ତେଜକ ଚେହେରା ରଖି ଅଧିକ ଦର୍ଶକଙ୍କୁ ଆକର୍ଷିତ କରିବାକୁ ପସନ୍ଦ କରନ୍ତି । ତେଣୁ ସେ କହନ୍ତି, ''ମୁଁ ଶାଳୀନତା ପ୍ରକାଶ କରୁଥିବା ପୋଷାକ ପିନ୍ଧିବାକୁ ଚାହେଁ, କାରଣ ମୁଁ ଶାଳୀନତାରେ ବିଶ୍ୱାସ ରଖେ, ଏବଂ ମୁଁ ଯବାନୀ ଝିଅମାନଙ୍କୁ ଅବାଟରେ ନେବାକୁ ଚାହେଁ ନାହିଁ କି ଖ୍ରୀଷ୍ଟରେ ମୋର ଭାଇମାନଙ୍କର ଝୁଣ୍ଟିପଡ଼ିବା ବା କାମାସକ୍ତ ହେବାର କାରଣ ହେବାକୁ ଚାହେଁ ନାହିଁ ।'' ଏଠାରେ ଆମେ ଜଣେ ପ୍ରସିଦ୍ଧ ଯୁବତୀଙ୍କୁ ଦେଖୁ ଯେ ଶାଳୀନତା ପ୍ରତି ସମର୍ପିତ ଓ ଜଣେ ଖ୍ରୀଷ୍ଟିୟାନ ଭାବରେ ତାଙ୍କର ଦୃଷ୍ଟିକୋଣକୁ ସେ ସ୍ପଷ୍ଟ କରିଛନ୍ତି ।

ଯୁବତୀ ନାରୀମାନେ, ତୁମେ ପବିତ୍ରତା ଓ ଶାଳୀନତା ପ୍ରତି ସମର୍ପିତ ହୋଇ ଜଗତର ଅନ୍ୟ ନାରୀମାନଙ୍କଠାରୁ ଭିନ୍ନ ଜଣାଯିବା ଉଚିତ । ତୁମର ବାନ୍ଧବୀମାନଙ୍କ ଗହଣରେ ତୁମେ ପ୍ରଥମେ ଉପେକ୍ଷିତ ଜଣାଯିବ, କିନ୍ତୁ ବାଇବଲ କହେ ଯେ ହୃଦୟର ଗୁପ୍ତସ୍ୱଭାବ ରୂପ ସୌନ୍ଦର୍ଯ୍ୟକୁ ଈଶ୍ୱର ଦେଖିଥାନ୍ତି ।

''ପୁଣି କେଶବେଶ, ସୁବର୍ଣ୍ଣ ଆଭରଣ ଓ ସୁନ୍ଦର ବସ୍ତ୍ର ପରିଧାନ, ଏପରି ଯେଉଁ ବାହ୍ୟ ଭୂଷଣ, ତାହା ତୁମ୍ଭମାନଙ୍କର ଭୂଷଣ ନ ହୋଇ, ହୃଦୟର ଯେଉଁ କୋମଳ ଓ ଶାନ୍ତିଯୁକ୍ତ ଗୁପ୍ତ ସ୍ୱଭାବ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ, ତାହାହିଁ ତୁମ୍ଭମାନଙ୍କର ଅକ୍ଷୟ ଭୂଷଣ ହେଉ''(୧ ପିତର ୩: ୩, ୪)।

ତୁମ୍ଭେ ଈଶ୍ୱରଙ୍କ ଦୃଷ୍ଟିରେ ବା ମନୁଷ୍ୟ ଦୃଷ୍ଟିରେ ସୁନ୍ଦରୀ ଦେଖାଯିବାକୁ ଚାହଁ କି ? ମନୋନୟନ କର ।

''ଏଣୁ ମୋହର ଇଚ୍ଛା, ପୁରୁଷମାନେ ଶୁଚି ହସ୍ତ ଉତ୍ତୋଳନ କରି କ୍ରୋଧ ଓ ବିତର୍କ ବିନା ସର୍ବତ୍ର ପ୍ରାର୍ଥନା କରନ୍ତୁ । ସେହି ପ୍ରକାରେ ମଧ୍ୟ ସ୍ତ୍ରୀମାନେ କେଶବିନ୍ୟାସ ଏବଂ ସୁବର୍ଣ୍ଣ କି ମୁକ୍ତା କି ମୂଲ୍ୟବାନ୍ ବସ୍ତ୍ରରେ ଆପଣା ଆପଣାକୁ ଭୂଷିତା ନ କରି ଲଜ୍ଜା ଓ ସୁବୁଦ୍ଧି ସହକାରେ ପରିପାଟୀ ପରିଚ୍ଛଦ ପିନ୍ଧି ଧର୍ମପରାୟଣା ସ୍ତ୍ରୀମାନଙ୍କ ଉପଯୋଗୀ ସତ୍‌କର୍ମରୂପ ଭୂଷଣରେ ଆପଣା ଆପଣାକୁ ଭୂଷିତା କରନ୍ତୁ''(୧ ତୀମଥି ୨: ୮-୧୦)।

ପାଉଲ ଏଠାରେ ଏକ ପ୍ରାର୍ଥନା ସଭାର ଦୃଶ୍ୟ ବର୍ଣ୍ଣନା କରନ୍ତି, ଯେଉଁଠାରେ ପୁରୁଷମାନେ ଶୁଚି ହସ୍ତ ଉତ୍ତୋଳନ କରି ପ୍ରାର୍ଥନା କରୁଛନ୍ତି । ତେବେ ହଠାତ୍ ସେ ତାଙ୍କ ପ୍ରସଙ୍ଗକୁ ବଦଳାଇ କହୁଛନ୍ତି, ''ସେହି ପ୍ରକାରେ ମଧ ସ୍ତ୍ରୀମାନେ ପରିପାଟୀ ପରିଚ୍ଛଦ ପିନ୍ଧନ୍ତୁ'' । ଏଠାରେ ପାଉଲ କାହିଁକି ସ୍ତ୍ରୀ ଲୋକଙ୍କ ପୋଷାକ ପରିଚ୍ଛଦ ଉପରେ ଗୁରୁତ୍ୱ ଦେଲେ ? ମୋର ମନେହୁଏ ଆଜି ଆମେ ଯେଉଁ ସମସ୍ୟାର ସାମ୍ନା କରୁଛୁ, ସେ ସମୟରେ ମଧ ତାହା ଥିଲା । ପୁରୁଷମାନେ ଶୁଚିହସ୍ତ ଉତ୍ତୋଳନ କରି ଈଶ୍ୱରଙ୍କ ଆଡ଼କୁ ଦୃଷ୍ଟି କରିବାକୁ ଯଥାସାଧ ଚେଷ୍ଟା କରୁଛନ୍ତି, କିନ୍ତୁ ସେମାନଙ୍କର ଚିତ୍ତବିକ୍ଷେପ ଘଟୁଛି ଓ ସେମାନଙ୍କର ଧ୍ୟାନ ଭଙ୍ଗ କରୁଛି । ତେଣୁ ପାଉଲ ସେଠାରେ ପ୍ରାର୍ଥନାରେ ଯୋଗ ଦେଇଥିବା ମହିଳାମାନଙ୍କୁ ପରାମର୍ଶ ଦିଅନ୍ତି ଯେ ସେମାନେ ଶାଳୀନତାଯୁକ୍ତ ପୋଷାକ ପିନ୍ଧନ୍ତୁ, ସଂଯମର ସହିତ ଆଚରଣ କରନ୍ତୁ । ବେଶବିନ୍ୟାସ, ବା ସୁବର୍ଣ୍ଣ କି ମୁକ୍ତା କି ମୂଲ୍ୟବାନ ବସ୍ତ୍ରରେ ଆପଣା ଆପଣାକୁ ଭୂଷିତା ନ କରି, ଧର୍ମପରାୟଣତା ଓ ସତ୍‌କର୍ମରେ ଆପଣାକୁ ଭୂଷିତା କରନ୍ତୁ । ଯୁବତୀ ନାରୀମାନେ, ତୁମର ପୋଷାକ ପରିଚ୍ଛଦରେ ମିତାଚାର ଦେଖାଯାଉ, ଯାହା ତୁମର ଭକ୍ତିଭାବ ପ୍ରଦର୍ଶନ କରୁଥିବ, ତାହା ବିଚାରଶୀଳତା ଅଟେ, କାରଣ ତାହା ପ୍ରକାଶ କରେ ଯେ ତୁମର କିଛିଟା ଆତ୍ମସଂଯମ ରହିଛି । ଯେଉଁ ଖ୍ରୀଷ୍ଟୀୟ ମହିଳାମାନେ ଈଶ୍ୱରପରାୟଣତା ଅଭ୍ୟାସ ଓ ପ୍ରକାଶ କରନ୍ତି ସେମାନେ ସେହିପରି ପୋଷାକ ପରିଚ୍ଛଦ ପିନ୍ଧନ୍ତୁ ବୋଲି ପାଉଲ କହନ୍ତି । ଆମେନ୍ !

ତେଣୁ ତୁମେ କିପରି ପୋଷାକ ପରିଛଦ ପସନ୍ଦ କରିଥାଅ ? ଏ ସମସ୍ତ ବିଷୟରେ ଚିନ୍ତା କର । ଏହା କ'ଣ ଈଶ୍ୱରପରାୟଣତାକୁ ପ୍ରକାଶ କରେ କି ? ଏହା କ'ଣ ଈଶ୍ୱର-ସାଦୃଶ୍ୟତାକୁ ଘୋଷଣା କରେ କି ? ଏହା ଈଶ୍ୱରଙ୍କ ପ୍ରତି ତୁମର ଭକ୍ତି ନିଷ୍ଠାକୁ ବା ଧର୍ମପରାୟଣତାକୁ ପ୍ରକାଶ କରେ କି ? ତୁମର ପୋଷାକ ମନୋନୟନ ଏହା ଉପରେ ଆଧାରିତ ହେବା ଉଚିତ ।

**ଯୁବତୀ ନାରୀମାନେ, ତୁମ ପୋଷାକ ପରିଚ୍ଛଦରେ ମିତାଚାର ଦେଖାଯାଉ, ଯାହା ତୁମର ଭକ୍ତିଭାବ ପ୍ରଦର୍ଶନ କରୁଥିବ, ତାହା ବିଚାରଶୀଳତା ଅଟେ, କାରଣ ତାହା ପ୍ରକାଶ କରେ ଯେ ତୁମର କିଛିଟା ଆତ୍ମସଂଯମ ରହିଛି । ଯେଉଁ ଖ୍ରୀଷ୍ଟୀୟ ମହିଳାମାନେ ଈଶ୍ୱରପରାୟଣତା ଅଭ୍ୟାସ ଓ ପ୍ରକାଶ କରନ୍ତି ସେମାନେ ସେହିପରି ପୋଷାକ ପରିଚ୍ଛଦ ପିନ୍ଧନ୍ତୁ ବୋଲି ପାଉଲ କହନ୍ତି ।**

**ପିତାମାତା**

ରିବିକାଙ୍କ ଜୀବନରେ ତାଙ୍କ ପିତାମାତାଙ୍କ ପ୍ରଭାବକୁ ଲକ୍ଷ୍ୟ କରନ୍ତୁ । ସେ ଜଣେ ସେଲେବ୍ରିଟି ବା ପ୍ରସିଦ୍ଧ ବ୍ୟକ୍ତି । ତଥାପି ତାଙ୍କ ପିତାମାତା ତାଙ୍କର ଚାଲିଚଳନ ଓ ଜୀବନଧାରା ଉପରେ ପ୍ରଭାବ ପକାଇଥିଲେ । ପିତାମାତା ! ତରୁଣାବସ୍ଥାରେ ଥିବା କିଶୋରକିଶୋରୀମାନଙ୍କ ଓ ତଦୂର୍ଦ୍ଧ୍ୱ ବୟସର ଯୁବକଯୁବତୀମାନଙ୍କ ସଙ୍ଗେ ପିତାମାତା କଥାବାର୍ତ୍ତା ହେବା ଆବଶ୍ୟକ । ଆପଣଙ୍କ ଦାୟିତ୍ୱକୁ ଏଡ଼ାଇବାକୁ ଯାଇ ବାହାନା ଦେଖାନ୍ତୁ ନାହିଁ ଯେ ଆପଣ ସେମାନଙ୍କୁ ଚର୍ଚ୍ଚକୁ ପଠାଇବେ ଓ ପାଳକ ପୁଲ୍‌ପିଟ୍‌ରୁ ସେମାନଙ୍କ ପ୍ରସଙ୍ଗକୁ ନେଇ ସେମାନଙ୍କୁ ଶିକ୍ଷା ଦେବେ ।

**ବୟୋଜ୍ୟେଷ୍ଠା ସ୍ତ୍ରୀମାନେ**

''ଈଶ୍ୱରଙ୍କ ବାକ୍ୟ ଯେପରି ନିନ୍ଦିତ ନ ହୁଏ, ଏଥିନିମନ୍ତେ ସେମାନେ ଯୁବତୀମାନଙ୍କୁ ପତିବ୍ରତା, ସନ୍ତାନବତ୍ସଳା, ସୁବୁଦ୍ଧି, ସତୀ, ସୁଗୃହିଣୀ, ସୁଶୀଳା ଓ ଆପଣା ଆପଣା ସ୍ୱାମୀର ବଶୀଭୂତା ହେବାକୁ ଶିକ୍ଷା ଦିଅନ୍ତୁ''(ତିତସ ୨: ୪, ୫) ।

ପାଉଲ ଚାହାନ୍ତି ଯେ ବୟୋଜ୍ୟେଷ୍ଠା ସ୍ତ୍ରୀମାନେ କନିଷ୍ଠାମାନଙ୍କୁ (ଯୁବତୀମାନଙ୍କୁ) ସୁବୁଦ୍ଧି ଓ ସତୀ ହେବା ପାଇଁ ଶିକ୍ଷା ଦିଅନ୍ତୁ । ''ସୁବୁଦ୍ଧି ଓ ସତୀ''ର ଅର୍ଥ ଆତ୍ମସଂଯମୀ, ଶୁଦ୍ଧଚିତ୍ତ, ଅଶ୍ଳୀଳତାମୁକ୍ତ, ନିଷ୍କପଟ ଓ ଦୋଷହୀନ । ଏହା ଈଶ୍ୱରଙ୍କ ମାନଦଣ୍ଡ ।

ଯୁବତୀମାନେ ଯୁକ୍ତି କରିପାରନ୍ତି, ଯେତେବେଳେ ଅନ୍ୟମାନେ ଏପରିକି ସେମାନଙ୍କ ବାନ୍ଧବୀମାନେ ସେମାନଙ୍କ ଶରୀରର ଅନେକ ଅଂଶ ଅନାବୃତ କଲାଭଳି ପୋଷାକ ପିନ୍ଧୁଛନ୍ତି , ସେମାନେ କାହିଁକି ଏତେ ପରିପାଟୀଯୁକ୍ତ ପୋଷାକ ପିନ୍ଧିବେ । ସେମାନେ ମଧ୍ୟ ମନେ କରିପାରନ୍ତି ଯେ ପୁରୁଷମାନଙ୍କ ପ୍ରତି ଯଦି ଏହା ବିଘ୍ନର କାରଣ ଅଟେ, ତା'ହେଲେ ଏହା କେବଳ ସେମାନଙ୍କର ସମସ୍ୟା । ଏହା ଠିକ୍ ନୁହେଁ । ଯୁବତୀମାନଙ୍କୁ ଶିକ୍ଷା ଦିଆଯିବା ଉଚିତ ଯେ ସେମାନେ ଯେଉଁ ପ୍ରକାର ପୋଷାକ ପିନ୍ଧିବେ ଠିକ୍ ସେହି ପ୍ରକାରର ପୁରୁଷକୁ ସେମାନେ ଆକର୍ଷିତ କରିବେ । ତେଣୁ ଏହା ପୁରୁଷମାନଙ୍କର ମଧ୍ୟ ସମସ୍ୟା ଅଟେ । ଯୁବତୀମାନେ ତେଣୁ ପ୍ରଲୋଭନକାରୀ ପୋଷାକ ପିନ୍ଧିବା ଅନୁଚିତ । ସେମାନେ ଶାଳୀନତାଯୁକ୍ତ ଓ ଭଦ୍ର ପୋଷାକ ପିନ୍ଧିବେ ଯାହା ସେମାନଙ୍କ ଈଶ୍ୱରପରାୟଣତାର ଅନୁରୂପୀ ହେବା ଉଚିତ, କାରଣ ସେମାନେ ଆଲୋକର ସନ୍ତାନମାନେ । ଈଶ୍ୱରଙ୍କ ବାକ୍ୟ କହେ ଯେ ଆମେ ଅନ୍ୟମାନଙ୍କର ବିଘ୍ନର କାରଣ ହେବା ନାହିଁ । ତେଣୁ ବୟୋଜ୍ୟେଷ୍ଠା ସ୍ତ୍ରୀମାନେ ଯୁବତୀମାନଙ୍କୁ ଏତାଦୃଶ ଆଚରଣ ନ କରିବା ପାଇଁ ଶିକ୍ଷା ଦେବା ଆବଶ୍ୟକ ।

**ଯୁବକମାନେ**

''କାରଣ ତୁମ୍ଭେମାନେ ଯେପରି ପବିତ୍ର ହୁଅ, ଏହାହିଁ ଈଶ୍ୱରଙ୍କର ଇଚ୍ଛା, ଅର୍ଥାତ୍ ତୁମ୍ଭେମାନେ ଯେପରି ବ୍ୟଭିଚାରରୁ ପୃଥକ୍ ରୁହ, ଆଉ, ଯେପରି ଈଶ୍ୱରଙ୍କ ସମ୍ବନ୍ଧରେ ଅଜ୍ଞ ବିଜାତିମାନଙ୍କ ପରି କାମାଭିଳାଷୀ ନ ହୋଇ ପ୍ରତ୍ୟେକେ ପବିତ୍ର ଓ ସମାଦର ଭାବରେ ଆପଣା ଆପଣା ନିମନ୍ତେ ଭାର୍ଯ୍ୟା ଗ୍ରହଣ କରିବାକୁ ଜାଣ''(୧ ଥେସ ୪:୩-୫) ।

ଈଶ୍ୱର ଆମମାନଙ୍କୁ ଚରିତ୍ରହୀନ ହେବାକୁ ନୁହେଁ ମାତ୍ର ପବିତ୍ର ହେବାକୁ ଆହ୍ୱାନ କରିଛନ୍ତି । ''ତୁମ୍ଭେମାନେ ଯେପରି ପବିତ୍ର ହୁଅ, ଏହାହିଁ ଈଶ୍ୱରଙ୍କର ଇଚ୍ଛା ।'' ତୁମ୍ଭେମାନେ ଈଶ୍ୱରଙ୍କ ନିମନ୍ତେ ପୃଥକୀକୃତ ଅଟ । ଯୁବକମାନଙ୍କର ସବୁଠୁ ବଡ଼ ଆହ୍ୱାନ ହେଉଛି ଚକ୍ଷୁର ଅଭିଳାଷର ସାମ୍ନା କରିବା ।

''ସମସ୍ତ ପ୍ରକାର ମନ୍ଦଠାରୁ ପୃଥକ୍ ହୋଇଥାଅ''(୧ ଥେସ ୫:୨୨) ।

ସବୁ ପ୍ରକାର ମନ୍ଦରୁ ଦୂରରେ ରୁହ । ଉଦାହରଣ ସ୍ୱରୂପ, ମୁଁ ସ୍ୱୀକାର କରେ ଯେ ବାଙ୍ଗାଲୁରୁରେ ଗଳିମାନଙ୍କରେ ଗାଡ଼ି ଚଳେଇ ଯିବା ଅତି କଷ୍ଟକର । କାର୍ ଭିତରେ ପ୍ରଶଂସା ଆରାଧନାର ଗୀତ ବାଜୁଥାଏ, ଫଳରେ ଏକ ଆତ୍ମିକ ପରିବେଶ ସୃଷ୍ଟି ହୋଇଥାଏ ଓ ଗାଡ଼ି ଚଳାଇ ଯାଉଥିବା ସମୟରେ ସୁଦ୍ଧା ଈଶ୍ୱରଙ୍କ ସଙ୍ଗେ ସହଭାଗିତା ରକ୍ଷା ସମ୍ଭବ

ହୋଇଥାଏ । କିନ୍ତୁ ତୁମେ ଗାଡ଼ି ଚଳାଇ ଯାଉ ଯାଉ ଏକ ବଡ଼ ବିଜ୍ଞାପନ ଫଳକ ଦେଖିବ ଓ ତା' ପାଖରେ ଥୁଆ ହୋଇଥିବା ଏକ ଛୋଟ କାର୍ ନିକଟରେ ଜଣେ ପ୍ରାୟ ଅର୍ଦ୍ଧନଗ୍ନ ଯୁବତୀ ଠିଆ ହୋଇଥିବା ଦେଖିବ । ତୁମେ ଆଶ୍ଚର୍ଯ୍ୟ ହେବ ସେମାନେ ସେହି ସ୍ତ୍ରୀକୁ ବା କାର୍‌କୁ ବିକିବାକୁ ଯାଉଛନ୍ତି । ତଥାପି ତୁମେ ଆଖି ବନ୍ଦ କରି ପାରିବ ନାହିଁ, କାରଣ ତା'ହେଲେ ତୁମ ଗାଡ଼ି ସାମ୍ନାରେ ଠିଆ ହୋଇଥିବା କୌଣସି ବସ୍‌ରେ ଯାଇ ବାଡ଼େଇ ହୋଇଯିବ ।

ଆମେ ସକାଳୁ ଖବରକାଗଜ ଖୋଲିବା ମାତ୍ରେ ମୁଖ୍ୟ ସମ୍ବାଦଗୁଡ଼ିକ ପରିବର୍ତ୍ତେ, ପ୍ରାୟ ପ୍ରତିପୃଷ୍ଠାରେ ଆଂଶିକରୂପେ ଆବୃତ ମହିଳାଙ୍କ ଛବି ଦେଖିବାକୁ ମିଳେ । ଆମେ ସେଥିପାଇଁ ଅନ୍ୟ ଏକ ଖବର କାଗଜ ପଢ଼ିବାକୁ ଚାହିଁବା ଏବଂ ସେଠାରେ ମଧ୍ୟ ତାହା ହିଁ ଦେଖିବା । ତେଣୁ ଆମେ ଖବର କାଗଜ ନ ପଢ଼ି ଇଣ୍ଟରନେଟ୍‌ରେ ଖବର ପଢ଼ିବାକୁ ଚାହିଁବା । କିନ୍ତୁ ଆମେ ଯେଉଁଠି କ୍ଲିକ୍ କଲେ ସୁଦ୍ଧା ଅଶ୍ଳୀଳତା ଦେଖିଥାଉ । ତେବେ ଆମେ କ'ଣ କରିବା ?

ସଣ୍ଡେସ୍କୁଲରେ ଗାଉଥିବା ଏକ କୋରସ୍ ମନେପଡ଼େ:

*ଟିକି ଆଖି ସାବଧାନ*
*ମନ୍ଦ କାମ ଦେଖନା*
*କେବେ ହେଲେ ଦେଖନା*
*ପାଶେ ପାଶେ ରହିଅଛି ଶତ୍ରୁ ଶୟତାନ ।*

ସଣ୍ଡେସ୍କୁଲରେ ଶିଖାଯାଉଥିବା ଅନେକ ବିଷୟର ଗଭୀର ଅର୍ଥ ରହିଥାଏ । ସେସବୁ ଭାବବାଣୀ ସଦୃଶ, କାରଣ ସେସବୁ ସୂଚାଇଥାଏ ଆମେ ହୁଏତ ୫୦ ବର୍ଷ ପରେ କ'ଣସବୁର ସାମ୍ନା କରିବୁ ।

ଆମେମାନେ ନିଜକୁ ନିଜେ କହୁଥିବା ଯେ ଆମେମାନେ ଆଲୋକର ସନ୍ତାନ ଅଟୁ । ପ୍ରଥମ ଦେଖାକୁ ଆମେ ରୋକି ନ ପାରୁ, କିନ୍ତୁ ଦ୍ୱିତୀୟ ଦେଖାକୁ ନିଶ୍ଚେ ଆମେ ପରିହାର କରିପାରିବା । ଆମେ ଜାଣି ନ ଥାଉ ଯେ ରାସ୍ତାରେ ଏକ ଘୋଷଣା ଫଳକ ରହିଛି, ତେଣୁ ଦେଖିପାରୁ; କିନ୍ତୁ ତାହା ଅତିକ୍ରମ କଲାପରେ ପୁଣି ଫେରି ଦେଖିବାରେ ସମସ୍ୟା ରହିଛି । ତାହାହିଁ ଦ୍ୱିତୀୟ ଦେଖା । ଆମେ ଆମ ଜୀବନରେ ପବିତ୍ରତା ଓ ଶାଳୀନତା ପ୍ରତି ସମର୍ପିତ ରହିବା ଆବଶ୍ୟକ, କାରଣ ଆମେ ଆଲୋକର ସନ୍ତାନ ହୋଇଥିବାରୁ ଦ୍ୱିତୀୟ ଦେଖାକୁ ପ୍ରଶ୍ରୟ ଦେବା ନାହିଁ । ଆମେନ୍ !

- **ପିତାମାତା, ତରୁଣାବସ୍ଥାରେ ବା ତଦୂର୍ଦ୍ଧ୍ୱ ବୟସର ପିଲାମାନଙ୍କ ସଙ୍ଗେ କଥାବାର୍ତ୍ତା କରନ୍ତୁ । ଆପଣଙ୍କ ଦାୟିତ୍ୱକୁ ଏଡ଼ାଇବାକୁ ଯାଇ ବାହାନା ଦେଖାନ୍ତୁ ନାହିଁ ଯେ ଆପଣ ସେମାନଙ୍କୁ ଚର୍ଚ୍ଚକୁ ପଠାଇବେ ଓ ପାଳକ ପୁଲ୍‌ପିଟ୍‌ରୁ ସେମାନଙ୍କ ପ୍ରସଙ୍ଗକୁ ନେଇ ସେମାନଙ୍କୁ ଶିକ୍ଷା ଦେବେ ।**
- **ବୟୋଜ୍ୟେଷ୍ଠା ସ୍ତ୍ରୀମାନେ ଯୁବତୀମାନଙ୍କୁ ଆତ୍ମସଂଯମୀ, ଶୁଦ୍ଧଚିତ୍ତ, ଅଶ୍ଳୀଳତାମୁକ୍ତ, ନିଷ୍କପଟ ଓ ଦୋଷହୀନ ହେବା ପାଇଁ ଶିକ୍ଷା ଦିଅନ୍ତୁ । ଏହା ଈଶ୍ୱରଙ୍କ ମାନଦଣ୍ଡ ।**
- **ଯୁବକମାନେ, ଈଶ୍ୱର ଆମମାନଙ୍କୁ ଚରିତ୍ରହୀନ ହେବାକୁ ନୁହେଁ, ମାତ୍ର ପବିତ୍ର ହେବାକୁ ଆହ୍ୱାନ କରିଛନ୍ତି । ''ତୁମ୍ଭେମାନେ ଯେପରି ପବିତ୍ର ହୁଅ, ଏହା ହିଁ ଈଶ୍ୱରଙ୍କ ଇଚ୍ଛା ।'' ତୁମେମାନେ ଈଶ୍ୱରଙ୍କ ନିମନ୍ତେ ପୃଥକୀକୃତ ଅଟ ।**

## ପ୍ରେମିକ ପ୍ରେମିକାଙ୍କ ସାକ୍ଷାତର (Dating) ନିୟମ

### ଯୁବକ ଯୁବତୀ

ଯେତେବେଳେ ତୁମେ ପରସ୍ପରକୁ ସାକ୍ଷାତ କରୁଛ, ଶାରୀରିକ ସଂସ୍ପର୍ଶରୁ ଦୂରେଇ ରୁହ ଏବଂ ଯେଉଁ ସ୍ଥାନରେ ଅନ୍ୟମାନେ ତୁମର କାର୍ଯ୍ୟକଳାପ ନ ଦେଖନ୍ତୁ ବୋଲି ତୁମେ ଚାହୁଁଛ ସେପରି ସ୍ଥାନକୁ ମଧ୍ୟ ଯାଅ ନାହିଁ । ଦୁହେଁ ଏକାକୀ ବା ଦ୍ୱାର ବନ୍ଦ କରି ରୁହ ନାହିଁ । ତୁମେ ଜାଣ ଏହି ସମୟରେ ଅନ୍ୟମାନେ ଶାରୀରିକ ସଂସ୍ପର୍ଶରେ ଆସିଥାନ୍ତି, କିନ୍ତୁ ମନେରଖ ତୁମେ ଭିନ୍ନ ଅଟ । ପବିତ୍ରତା ତୁମ ଜୀବନର ଲକ୍ଷ୍ୟ ହେଉ ।

### ପିତାମାତା

ପିତାମାତା ଜାଗ୍ରତ ରହିବା ଆବଶ୍ୟକ । ଆପଣଙ୍କର କିଶୋରକିଶୋରୀ ବା ଯୁବାଯୁବତୀ ପୁଅଝିଅମାନଙ୍କ ସଙ୍ଗେ କଥାବାର୍ତ୍ତା କରନ୍ତୁ । ଆପଣ ହୁଏତ ଆପଣଙ୍କ ପାଳକଙ୍କ ସାହାଯ୍ୟ ଲୋଡ଼ି ପାରନ୍ତି । ସେ ଆପଣଙ୍କ ପୁଅ ବା ଝିଅକୁ ପରାମର୍ଶ ଦେଇପାରନ୍ତି । କିନ୍ତୁ ଆପଣଙ୍କୁ ଈଶ୍ୱର ଯେଉଁ ଦାୟିତ୍ୱ ଦେଇଛନ୍ତି ତାହା ପାଳକ ବା ମଣ୍ଡଳୀ କରନ୍ତୁ ବୋଲି ଆଶା କରିବା ଅନୁଚିତ । ଯେପର୍ଯ୍ୟନ୍ତ ଆପଣଙ୍କ ପିଲାମାନେ ଆପଣଙ୍କ ସହିତ ରହିଛନ୍ତି ଓ

ଆପଣ ସଙ୍ଗେ ମିଶି ଭୋଜନ କରୁଛନ୍ତି, ଆପଣ ସେମାନଙ୍କର ମୁନିବ ଅଟନ୍ତି । ମଣ୍ଡଳୀ ସେମାନଙ୍କୁ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବ, ସେମାନଙ୍କୁ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବାରେ ଓ ଖ୍ରୀଷ୍ଟଙ୍କଠାରେ ପୂର୍ଣ୍ଣ ବିକଶିତ ହେବାରେ ସାହାଯ୍ୟ କରିବ, କିନ୍ତୁ ପିତାମାତା ଭାବରେ ସେମାନଙ୍କ ପ୍ରତି ଆପଣଙ୍କର ଦାୟିତ୍ୱ ରହିଛି ।

ଉଦାହରଣ ସ୍ୱରୂପ, ଆପଣଙ୍କ ପୁଅ ହୁଏତ ତା'ର କଲେଜର ଜଣେ ଝିଅକୁ ଘରକୁ ନେଇ ଆସେ ଏବଂ ସେମାନେ ବୈଠକଖାନାରେ ନ ବସି ପୁଅର କୋଠରୀରେ ବସନ୍ତି ଓ ଦ୍ୱାର ବନ୍ଦ କରି ଦିଅନ୍ତି । ହୁଏତ ସେହି ଝିଅ ପାଇଁ ଆପଣ ଚାହା ବନାଇ ଆସି ଦେଖନ୍ତି ଯେ ସେମାନେ ଦ୍ୱାର ବନ୍ଦ କରି ବସିଛନ୍ତି । ଆପଣ ଦ୍ୱାରକୁ ଖଟ୍‌ଖଟ୍ କରନ୍ତୁ ଓ ବାହାରକୁ ଆସି ବସିବାକୁ କହନ୍ତୁ, କାରଣ ଆପଣଙ୍କ ଗୃହରେ ସେମାନେ ଦ୍ୱାର ବନ୍ଦ କରି ରହିବାର କୌଣସି କାରଣ ନାହିଁ । ଆପଣ ମନେ କରିପାରନ୍ତି ଯେ ସେପରି କଲେ ଆପଣଙ୍କ ପୁଅ ହୁଏତ ତା'ପର ଦିନ ଘରକୁ ଫେରିବ ନାହିଁ । ଆପଣ ବି ବାହାନା ଦେଖାଇ ପାରନ୍ତି ଯେ ଆପଣଙ୍କ ପୁଅ ନିୟମିତ ଚର୍ଚ୍ଚକୁ ଯାଏ, ସବୁ ଯୁବାମାନଙ୍କ ମିଟିଂରେ ଯୋଗଦିଏ, ସେ ଈଶ୍ୱର ପରାୟଣ, ତେଣୁ ସେ ରୁଦ୍ଧ ଦ୍ୱାରରେ କିଛି ଭୁଲ କାମ କରିବ ନାହିଁ ।

ପିତାମାତା, ମନେ ରଖନ୍ତୁ ଯେ ଯୁବକଯୁବତୀମାନଙ୍କର ହରମୋନ୍ ରହିଛି ଏବଂ ଆମେ ମଣ୍ଡଳୀର ଲୋକମାନଙ୍କ ମଧ୍ୟରେ ଅନୈକ୍ୟ ଜନ୍ମାଇ ନ ଥାଉ । ତେଣୁ ଆପଣଙ୍କ ପିଲାମାନେ ବିଶ୍ୱସ୍ତ ଭାବରେ ଚର୍ଚ୍ଚକୁ ଆସୁଥିଲେ ମଧ୍ୟ, ଗୃହରେ ସେମାନଙ୍କୁ ନିୟନ୍ତ୍ରଣ କରିବା ଆପଣଙ୍କର ଦାୟିତ୍ୱ । ଖ୍ରୀଷ୍ଟିୟାନମାନଙ୍କଠାରୁ ବାଇବଲ ଯେଉଁ ମାନଦଣ୍ଡ ଆଶା କରେ ଆପଣଙ୍କ ପିଲାମାନଙ୍କଠାରୁ ସେହି ପବିତ୍ରତା ଓ ଶାଳୀନତା ଦାବି କରନ୍ତୁ । କେଉଁଟି ଠିକ୍ କେଉଁଟି ଭୁଲ ତାହା ମଣ୍ଡଳୀ ସେମାନଙ୍କୁ କହିବ । କିନ୍ତୁ ଆପଣ ଯଦି ଆପଣଙ୍କ ପିଲାମାନଙ୍କୁ ବିପରୀତଲିଙ୍ଗୀ ସାଥୀ ସଙ୍ଗେ ରୁଦ୍ଧଦ୍ୱାର ମଧ୍ୟରେ ବସିବାକୁ ଛାଡ଼ି ଦିଅନ୍ତି, ସେମାନେ ଏକ ଦୁର୍ବଳ ମୁହୂର୍ତ୍ତରେ, ସେମାନଙ୍କ ହରମୋନ୍‌ର କ୍ରିୟା ଯୋଗୁଁ ମଣ୍ଡଳୀର ସବୁ ଶିକ୍ଷା ଭୁଲିଯିବେ ଓ ସେମାନଙ୍କ ମସ୍ତକ ଉପରେ ହସ୍ତ ଥୋଇ ଯେତେ ପ୍ରାର୍ଥନା କରାଯାଇଛି ତାକୁ ବି ଭୁଲିଯିବେ । ପିତାମାତା ଭାବରେ ସେମାନେ ସେମାନଙ୍କ ପିଲାମାନଙ୍କ ସଙ୍ଗେ ସତର୍କତାର ସହିତ କାରବାର କରିବା ଉଚିତ, ନଚେତ୍ ଦିନେ ସେମାନେ ହୃଦୟଙ୍ଗମ କରିବେ ଯେ ସେମାନେ ଗୃହରେ ପିଲାମାନଙ୍କୁ ଈଶ୍ୱରପରାୟଣତାର ମାନଦଣ୍ଡ ଅନୁସାରେ ବଢ଼ାଇବାରେ ବିଫଳ ହୋଇଛନ୍ତି ।

### ବିବାହିତ ଦମ୍ପତ୍ତି

ବିବାହିତ ଦମ୍ପତ୍ତି ଭାବରେ ଆମେ ଆମମାନଙ୍କ ଜୀବନରେ ପବିତ୍ରତା ରକ୍ଷା କରିବା ଆବଶ୍ୟକ । ସ୍ୱାମୀ ଓ ସ୍ତ୍ରୀ ପରସ୍ପର ପ୍ରତି ସମର୍ପିତ ରହିବା ଆବଶ୍ୟକ । ଆମେମାନେ ଖ୍ରୀଷ୍ଟିୟାନ -ଆଲୋକର ଲୋକମାନେ ! ଆମମାନଙ୍କ ବୈବାହିକ ଜୀବନ ମଧ୍ୟରେ ଆମେମାନେ ଯୌନ ପବିତ୍ରତା ଓ ଶାଳୀନତା ରକ୍ଷା କରିବା ଅନିବାର୍ଯ୍ୟ । ଆପଣଙ୍କର ଯୌନ ଆବଶ୍ୟକତାକୁ ବୈବାହିକ ବନ୍ଧନ ମଧ୍ୟରେ ହିଁ ପୂରଣ କରନ୍ତୁ । ବାହାରକୁ ଦେଖନ୍ତୁ ନାହିଁ । ଜଗତର ଅନ୍ୟମାନେ ଯୌନକ୍ଷୁଧାକୁ ମେଣ୍ଟାଇବା ପାଇଁ ଅନ୍ୟଆଡ଼େ ଦୃଷ୍ଟିପାତ କରିଥାନ୍ତି, କିନ୍ତୁ ଆମେ ଭିନ୍ନ ଅଟୁ । ବାଇବଲ କହେ, ''କିନ୍ତୁ ଯେ ତୁମ୍ଭମାନଙ୍କୁ ଅନ୍ଧକାରରୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି, ତୁମ୍ଭେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ କର, ଏଥିନିମନ୍ତେ ତୁମ୍ଭେମାନେ ଏକ ମନୋନୀତ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା ହୋଇଅଛ''(୧ ପିତର ୨:୯) ।

ଆପଣ ଓ ମୁଁ ଅନ୍ଧକାରରୁ ଆହୂତ ହୋଇଛୁ ଯେପରି କି ଆଲୋକର ଲୋକ ଭାବରେ ଜୀବନ ଯାପନ କରିବା । ବାଇବଲ କହେ ଯେ ଆମେ ଆଲୋକସ୍ୱରୂପ, ଏଣୁ ଆମେ ଆଲୋକର ସନ୍ତାନ ଭାବରେ ଆଚରଣ କରିବାକୁ ହେବ । ଆମ ଚତୁର୍ଦ୍ଦିଗରେ ଥିବା ଜଗତର ଲୋକମାନଙ୍କ ଅପେକ୍ଷା ଆମେ ସମ୍ପୂର୍ଣ୍ଣ ଭିନ୍ନ ହେବା ଆବଶ୍ୟକ । ଆମର କାର୍ଯ୍ୟସ୍ଥଳୀରେ ବା ଆମର ବୃତ୍ତିରେ, ଜଣେ କର୍ମଚାରୀ ଭାବରେ, ଜଣେ ନିଯୁକ୍ତିଦାତା ଭାବରେ, ଜଣେ ଗୃହିଣୀ ଭାବରେ ଆମ ଚାରିପଟେ ଥିବା ଲୋକମାନଙ୍କଠାରୁ ଆମେ ଭିନ୍ନ ହେବା ଆବଶ୍ୟକ, କାରଣ ଈଶ୍ୱର ଆମମାନଙ୍କଠାରୁ ତାହା ଅପେକ୍ଷା କରନ୍ତି । ଯୁବକ, ଯୁବତୀ, ପିତାମାତା, ସ୍ୱାମୀ, ସ୍ତ୍ରୀ ଭାବରେ ଆମେ ଭିନ୍ନ ଅଟୁ । ଆମେମାନେ ଆମ ଜୀବନରେ ପବିତ୍ରତା ପ୍ରତି ସମର୍ପିତ ଓ ସେଥିରେ କୌଣସି ସାଲିସ୍ ହୋଇପାରିବ ନାହିଁ । ସାଲିସ୍ ବନ୍ଦୀତ୍ୱ ଆଡ଼କୁ ଘେନିଯାଏ । ଯେଉଁଦିନ ଆମେ ଆମ ଜୀବନରେ ସାଲିସ୍ କରିବା ଆରମ୍ଭ କରିବା, ଆମେ ନିଶ୍ଚିତ ହେବା ଯେ ଆମେ ଆମର ନିଜ କାରାଗାରରେ ବନ୍ଦୀ ହୋଇ ରହିବା ।

ପ୍ରେମିକ ପ୍ରେମିକାଙ୍କ ସାକ୍ଷାତର ନିୟମ

- ଯୁବକଯୁବତୀମାନେ, ଶାରୀରିକ ସଂସ୍ପର୍ଶରୁ ଦୂରେଇ ରୁହ ଏବଂ ଯେଉଁ ସ୍ଥାନରେ ଅନ୍ୟମାନେ ତୁମର କାର୍ଯ୍ୟକଳାପ ନ ଦେଖନ୍ତୁ ବୋଲି ଚାହୁଁଛ ସେପରି ସ୍ଥାନକୁ ଯାଅ ନାହିଁ । ତୁମେ ଜାଣ ଅନ୍ୟ ସମସ୍ତେ ଶାରୀରିକ ସଂସ୍ପର୍ଶରେ ଆସିଥାନ୍ତି, କିନ୍ତୁ ମନେ ରଖ ତୁମେ ଭିନ୍ନ ଅଟ । ପବିତ୍ରତା ତୁମ ଜୀବନର ଲକ୍ଷ୍ୟ ଅଟେ ।
- ପିତାମାତା, ଜାଗ୍ରତ ହୁଅନ୍ତୁ । ଆପଣଙ୍କର କିଶୋରକିଶୋରୀ ବା ଯୁବାଯୁବତୀ ପୁଅଝିଅଙ୍କ ସଙ୍ଗେ କଥାବାର୍ତ୍ତା କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ। ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ। ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪)। ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି। ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍ର ଅଂଶୀଦାର୍ ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ। ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ। ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ। ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ। ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା। ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା। ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ। ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ। ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ। ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ। ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ। ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ। ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ। ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ। ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ। ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ। ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି। ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ। ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩)।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି। ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ।

ଈଶ୍ୱର ପ୍ରେମମୟ ଓ କରୁଣାମୟ। କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ। ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ। ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩)।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯)।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି। ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ। ଏହି ପ୍ରାର୍ଥନା ଏକ ନମୁନା ମାତ୍ର। ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ।

*ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।*

*ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।*

*ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।*

*ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।*

## All Peoples Church
## Bible College & Ministry Training Center

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି। ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ। ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ। APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ। ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :

Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ। ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ। ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି। ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି। ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ। ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ। ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ।

APC-BC is accredited by the
Nations Association for
Theological Accreditation (NATA)

ଆପଣ ଓ ମୁଁ ଈଶ୍ୱରଙ୍କର ''ନିଜସ୍ୱ ପ୍ରଜା'' ଅଟୁ । ଆପଣ ଯଦି ଜଣେ ଖ୍ରୀଷ୍ଟିୟାନ, ଜଣେ ବିଶ୍ୱାସୀ, ତେବେ ଆପଣ ଏହି ଯୋଗ୍ୟତା ହାସଲ କରିଛନ୍ତି । ବାଇବଲ କୁହେ କାହିଁକି ଆମେମାନେ ''ଏକ ମନୋନୀତ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି, ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା'' ହୋଇଅଛୁ । ଏହାର କାରଣ ହେଲା, ଆମେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ କରିବା, ତାଙ୍କର ପ୍ରଶଂସା କରିବା ଓ ତାଙ୍କର ଶ୍ରେଷ୍ଠତା ପ୍ରକାଶ ଓ ଘୋଷଣା କରିବା, ଯେ ଆମମାନଙ୍କୁ ଅନ୍ଧକାରରୁ ତାଙ୍କର ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି ତାଙ୍କର ବିସ୍ମୟଜନକତା ଓ ଗୁଣସବୁକୁ ପ୍ରଚାର କରିବା ।

ତେଣୁ ଲୋକମାନେ ଯେତେବେଳେ ଆମେ ଖ୍ରୀଷ୍ଟିୟାନମାନଙ୍କୁ ଦେଖନ୍ତି ସେମାନେ ଆମମାନଙ୍କୁ ଆହ୍ୱାନ କରିଥିବା ଈଶ୍ୱର ଯେ କେତେ ଉତ୍କୃଷ୍ଟ, କେତେ ସଦ୍‌ଗୁଣସମ୍ପନ୍ନ, କେତେ ସିଦ୍ଧ ଓ କେତେ ଅଦ୍ଭୁତ ତାହା ଦେଖିବା ଆବଶ୍ୟକ ।

ଈଶ୍ୱର ଯେ ଉତ୍ତମ ଅଟନ୍ତି ଏହା ଦେଖାଇବା ପାଇଁ ଆପଣ ଓ ମୁଁ ଏହି ପୃଥିବୀରେ ରହିଅଛୁ ! ଆମେ ଭିନ୍ନ ଅଟୁ ।

***ଆଶିଷ ରାଇଚୁର୍***